


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୯ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 September 2026

Vol.No. 36 ■ No.255 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଏହା ଶୁଳ୍କ, ଟିକସ ନା ଅନ୍ୟ କିଛି: ହଜାରରୁ ଅଧିକ ୟୁପିଆଇ ପେମେଣ୍ଟ ପାଇଁ କାହିଁକି ଲାଗିବ ଚାର୍ଜ : ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୨୮/୯ : କେନ୍ଦ୍ର ସରକାରଙ୍କ ୨,୦୦୦ ଟଙ୍କାରୁ ଅଧିକ ବାଣିଜ୍ୟିକ ୟୁପିଆଇ ପେମେଣ୍ଟ ଉପରେ ଚାର୍ଜ ଲାଗୁ କରିବା ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଏକ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ ଚାରି ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ଏ ବିଷୟରେ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ, ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ଏବଂ ୟୁପିଆଇ କମିଟିକୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ କରିବାକୁ କହିଛନ୍ତି ଯେ, ଏହା ଏକ ଫି, ଟିକସ କିମ୍ବା ଅନ୍ୟ କିଛି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି ମୋହନାଙ୍କ ଗଠିତ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। ଆଇନଜୀବୀ ଅଞ୍ଜନ ଦତ୍ତଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ସେପଟ୍ମ୍ବର ୧୫ ତାରିଖରେ ଜାରି ହୋଇଥିବା ଏମଡିଆର ଫ୍ରେମୱାର୍କକୁ ରଦ୍ଦ କରିବାକୁ ଦାବି କରାଯାଇଛି। ◆◆ପୃଷ୍ଠା ୭

# ବିରୋଧୀଙ୍କ ହଙ୍ଗାମାରେ ଅଧାରୁ ବନ୍ଦ ହେଲା ମୌସୁମୀ ଅଧିବେଶନ: ଶେଷଦିନରେ ୪ ବିଲ୍ ପାରିତ



ଭୁବନେଶ୍ୱର, ୨୮/୯ (ନି.ପ୍ର): ବିଧାନସଭା ୯ଦିନିଆ ମୌସୁମୀ ଅଧିବେଶନ ଅଧାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନଙ୍କ ହଙ୍ଗାମା ଭିତରେ ୪ଟି କାର୍ଯ୍ୟ ଦିବସ ଥାଇ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ୨୨ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପ୍ରଥମଦିନରୁ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ପ୍ରସଙ୍ଗରେ ଗୃହରେ ହଙ୍ଗାମା କରିବା ଯୋଗୁ ଗୃହ ୫ଦିନ ଧରି ଚାଲିପାରିନଥିଲା। ଏପରିକି ଆଜି ପ୍ରଥମାର୍ଦ୍ଧରେ ମଧ୍ୟ ଗୃହ ବିରୋଧୀଙ୍କ ହଙ୍ଗାମା ଯୋଗୁ ଠପ୍ ହୋଇପଡ଼ିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ଅନୁପସ୍ଥିତିରେ ସରକାର ୪ଟି ବିଲ୍ ପାରିତ କରାଇ ନେବା ସହ ବିଭିନ୍ନ ରିପୋର୍ଟ ଉପସ୍ଥାପନ କରିବା ପରେ ଗୃହକୁ ମୁଲତବୀ ହୋଇଥିଲା। ସୂଚନା ଅନୁସାରେ, ଆଜି କ୍ରମାଗତ ୫ମ ଦିନରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ପ୍ରସଙ୍ଗରେ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ। ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ସମ୍ଭବପର ହୋଇପାରିନଥିଲା। ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ଅନୁପସ୍ଥିତିରେ ସରକାର ୪ଟି ବିଲ୍ ପାରିତ କରାଇ ନେବାରେ ସକ୍ଷମ ହୋଇଥିଲେ। ବିରୋଧୀଙ୍କ ସମ୍ପୂର୍ଣ୍ଣ ଅନୁପସ୍ଥିତିରେ ଗୃହରେ ଓଡ଼ିଶା ଜିଏସଟି ସଂଶୋଧନ ବିଲ୍, ଓଡ଼ିଶା

# ୩୫ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ: ସହଯୋଗୀ ମଧ୍ୟ ଗିରଫ

ଯାଜପୁର, ୨୮/୯ (ନି.ପ୍ର): ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ଯାଜପୁର ବଡ଼ଚଣା ବ୍ଲକର ସହକାରୀ ଯନ୍ତ୍ରୀ। ୩୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ବଡ଼ଚଣା ବ୍ଲକର ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶଙ୍କୁ ଧରିଛି ଓଡ଼ିଶା ଭିଜିଲାନ୍ସ। ତାଙ୍କ ସହଯୋଗୀ ତଥା ଘରୋଇ ବ୍ୟକ୍ତି ସୋମନାଥ ସେଠୀଙ୍କୁ ମଧ୍ୟ ଭିଜିଲାନ୍ସ ଟିମ୍ ଧରିଛି। ଭିଜିଲାନ୍ସର ସୂଚନା ଅନୁସାରେ, ବଡ଼ଚଣା ବ୍ଲକରେ ଏକ ସ୍କୁଲ ନିର୍ମାଣ କାମ ଶେଷ କରିଥିବା ଠିକାଦାର ବିଲ୍ ପୈଠ ପାଇଁ ଆବେଦନ କରିଥିଲେ । ଏଥିସହ ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ ଓ ବକେୟା ବିଲ୍ କ୍ଲିୟର କରିବାକୁ ସେ ଅନୁରୋଧ କରିଥିଲେ। ଅଭିଯୋଗ ଅନୁସାରେ, ଏହି କାମ ପାଇଁ ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ଦେବାକୁ ଇଚ୍ଛୁକ ନଥିବା ଅଭିଯୋଗକାରୀ ଏନେଇ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଯୋଜନା ଅନୁସାରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ୨୮ ସେପଟ୍ମ୍ବର ୨୦୨୬ରେ ଲାଞ୍ଚ ଟଙ୍କା ନେବା ସମୟରେ ବନ୍ଦିତା ଦାଶ ଓ ତାଙ୍କ ସହଯୋଗୀ ସୋମନାଥ ସେଠୀ ଭିଜିଲାନ୍ସ ଟିମ୍ ◆◆ପୃଷ୍ଠା ୭

# ଶାହ ତୁଟାଇବେ ମହାନଦୀ କଳି : ଅକ୍ଟୋବର ୧ରେ ଓଡ଼ିଶା-ଛତିଶଗଡ଼ ସିଏମଙ୍କ ସହ ବୈଠକ



ଭୁବନେଶ୍ୱର, ୨୮/୯ (ନି.ପ୍ର): ଶାହ ତୁଟାଇବେ ମହାନଦୀ କଳି। କାଢ଼ିବେ ବିବାଦ ସମାଧାନର ବାଟ। ଓଡ଼ିଶାର ଜୀବନ ରେଖା ମହାନଦୀ ଜଳ ଆବଣ୍ଟନକୁ ନେଇ ଦୀର୍ଘ ବର୍ଷ ହେଲା ଲାଗି ରହିଛି ବିବାଦ। ଛତିଶଗଡ଼ ବିରୋଧରେ ଦିଲ୍ଲୀରୁ ଓଡ଼ିଶା ପର୍ଯ୍ୟନ୍ତ ଆନ୍ଦୋଳନ ବି ହୋଇଛି। ସମାଧାନ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ ବି ଏକାଧିକ ଥର ବୈଠକ କରିଛନ୍ତି। ସରକାର ବଦଳିବା ପରେ ଏହି ପ୍ରସଙ୍ଗରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ତଥାପି ବିବାଦର ସମାଧାନ ହେଉନଥିବାରୁ, ଖୁବଶୀଘ୍ର କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ହସ୍ତକ୍ଷେପ କରିବାକୁ ଯାଉଛନ୍ତି। ଓଡ଼ିଶା ଆଡଭୋକେଟ ଜେନେରାଲଙ୍କ ସୂଚନା ଅନୁସାରେ, ଆସନ୍ତା ଅକ୍ଟୋବର ୧ ତାରିଖରେ ହେବ ବୈଠକ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଏହି ବୈଠକରେ ସାମିଲ ହେବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ। ◆◆ପୃଷ୍ଠା ୭






# ଲୋୟର ପିଏମ୍‌ଜିରେ ଗର୍ଜିଲେ ନବୀନ: ଏମଏମଡିଆର ବିଲ୍‌କୁ ବିରୋଧ କରି ବିଜେଡିର ବିଶାଳ ସମାବେଶ

ଭୁବନେଶ୍ୱର, ୨୮/୯ (ନି.ପ୍ର): ଲୋୟର ପିଏମ୍‌ଜିରେ ଗର୍ଜିଲେ ନବୀନ । ଗାନ୍ଧୀମାର୍ଗ ପାଲଟିଲା ରଣକ୍ଷେତ୍ର । ଏମଏମଡିଆର ବିଲକୁ ବିରୋଧ କରି ବିଜେଡି ଆଜି ବିଶାଳ ସମାବେଶ କରିଛି । ଲୋୟର ପିଏମଜିରେ ଏକାଠି ହୋଇଥିଲେ ଦଳର ବରିଷ୍ଠ ନେତା, ବିଧାୟକ, ସାଂସଦ ଓ ହଜାର ହଜାର କର୍ମୀ। ସବୁ ଜିଲ୍ଲାସ୍ତରରୁ ଆସିଥିଲେ ଦଳର ଛାମୁଆ ନେତା ଓ କର୍ମୀ। ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ କେନ୍ଦ୍ର ସରକାର ଏହି ବିଲ ପ୍ରତ୍ୟାହାର କରନ୍ତୁ ବୋଲି ରଣହୁଙ୍କାର ଦେଇଥିଲେ ବିଜେଡି ନେତା। ଏହି ବିକ୍ଷୋଭ ସମାବେଶକୁ ସାମିଲ ହୋଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ସ୍ୱାର୍ଥ ଓ ଜେନ୍‌ଜିଙ୍କ ଭବିଷ୍ୟତ ବିପଦରେ ରହିଛି । ମାଟିଠାରୁ ପାର୍ଟି କେବେ ବଡ଼ ହୋଇପାରିବ ନାହିଁ । ଏହି ଆଇନ ଦ୍ୱାରା ଓଡ଼ିଶା ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ହରାଇବ । ◆◆ପୃଷ୍ଠା ୭

# ମହାନଦୀ ବ୍ୟତୀତ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୨୮/୯ (ନି.ପ୍ର): ଆଜି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳିରେ ପ୍ରାୟ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ସୋମବାର ଦିନ ◆◆ପୃଷ୍ଠା ୭

# ପୁଣି ଭୀଷଣ ହେବ ଆମେରିକା-ଇରାନ ଯୁଦ୍ଧ: ଜୋରଦାର ଆକ୍ରମଣ ପାଇଁ ଟ୍ରମ୍ପଙ୍କ ସଙ୍କେତ



ନୂଆଦିଲ୍ଲୀ,୨୮/୯ : ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଭୀଷଣ ଯୁଦ୍ଧ ନେଇ ୱାସିଂଟନ ଓ ତେହେରାନ ପରସ୍ପରକୁ ଧମକ ଦେଇଛନ୍ତି। ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ୱାସିଂଟନ ତେହେରାନ ଉପରେ ବଡ଼ଧରଣର ଆକ୍ରମଣ କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଯୁଦ୍ଧ ଖୁବ୍‌ଶୀଘ୍ର ଜିତିବେ ବୋଲି କହିଛନ୍ତି। ଜବାବରେ ଇରାନ ବିଦେଶ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଇରାନ ସମସ୍ତ ପ୍ରକାଶ ବିନାଶର ମୁକାବିଲା କରିବାକୁ ପ୍ରସ୍ତୁତ ଅଛି। ସୂଚନାଯୋଗ୍ୟ, ରବିବାର ଏକ କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ଗଣମାଧ୍ୟମ ସହିତ କଥାବାର୍ତ୍ତାବେଳେ କହିଛନ୍ତି ଯେ, ଇରାନ ସହିତ ଯୁଦ୍ଧରେ ସେ ଖୁବ୍‌ଶୀଘ୍ର ବିଜୟୀ ହେବେ। ଯୁଦ୍ଧ ଜିତିବା ପରେ ବିଶ୍ୱବଜାରରେ ତୈଳ ଦର ହ୍ରାସ ପାଇବ। ଟ୍ରମ୍ପ କହିଛନ୍ତି, ଇରାନ ପରମାଣୁ ଅସ୍ତ୍ର ଯେପରି ନ ରଖି ତାହା ଏବେବି ମୁଖ୍ୟ ପ୍ରସଙ୍ଗ ରହିଛି। ଆମେରିକା ଆର୍ଥିକ ଓ ସାମରିକ ଚାପ ପକାଉଛି କି ବୋଲି ପ୍ରଶ୍ନରେ ଟ୍ରମ୍ପ କହିଥିଲେ, ଉଭୟ ଆର୍ଥିକ ଓ ସାମରିକ ଦୃଷ୍ଟିରୁ ଇରାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇସାରିଛି। ଇରାନରେ ମୁଦ୍ରାସ୍ଫିତି ୩୦୦% ବୃଦ୍ଧି ପାଇଛି। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଇରାନ ଉପରେ ଆମେରିକାର ସାମରିକ ଆକ୍ରମଣକୁ ଟ୍ରମ୍ପ ଅସ୍ୱୀକାର କରିନାହାନ୍ତି। ତେବେ କହିଛନ୍ତି, ଟ୍ରମ୍ପ କହିଛନ୍ତି, ସାମରିକ ଦୃଷ୍ଟିକୋଣରୁ ଆମେ ଯୁଦ୍ଧ ଜିତିସାରିଛୁ। ଯୁଦ୍ଧ ଶେଷ କରିବା, ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଓ ପରମାଣୁ ଆଲୋଚନା ପୁନଃ ଆରମ୍ଭ କରିବା ପାଇଁ ଇରାନର ସାତ ଦିନିଆ ରୋଡମ୍ୟାପ୍ ପ୍ରସ୍ତାବକୁ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ କହିଛନ୍ତି, ତେହେରାନ ଆର୍ଥିକ ଚାପ ଓ ଟଙ୍କା ପ୍ରବାହ ବାଧାପ୍ରାପ୍ତ ହେତୁ ଚୁକ୍ତି ପାଇଁ ଭିକ୍ଷା ମାଗୁଛି। ତେବେ ଇରାନର ବିଦେଶ ମନ୍ତ୍ରୀ ସୟେଦ ଆବାସ ଆରାଘଚି ଏହାର ଦୃଢ଼ ଜବାବ ଦେଇ କହିଛନ୍ତି ଯେ, ଇରାନ ଯୁଦ୍ଧର ପୁନଃରମ୍ଭ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଆରାଘଚି ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ କହିଛନ୍ତି ଯେ, ଇରାନ ଆମେରିକା ସହିତ ସମ୍ଭାବ୍ୟ ଯୁଦ୍ଧ ପୁନଃଆରମ୍ଭ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଚେତାବନୀ ଦେଇଛନ୍ତି ଯେ, ଯଦି ସଂଘର୍ଷ ମହାବିନାଶ ବି ଆଣେ ତେବେ ବି ସେମାନେ ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ଦୃଢ଼ ସଂକଳ୍ପବଦ୍ଧ। ତଥାପି ସେମାନେ କୂଟନୀତି ପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ଏଥିରୁ ଯାହା ◆◆ପୃଷ୍ଠା ୭

# ମାଲକାନଗିରିରେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ: ଗୋବିନ୍ଦପାଲ୍ଲୀରେ ଅଟକିଥିବା ଟ୍ରକ୍ ଓ ବସ୍ କର୍ମଚାରୀଙ୍କୁ ସହାୟତା

ମାଲକାନଗିରି,୨୮/୦୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ପ୍ରବଳ ବର୍ଷା ପରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ଜିଲ୍ଲାବାସୀଙ୍କୁ ଏକ ଆଶ୍ୱାସନାପୂର୍ଣ୍ଣ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ। ଗତକାଲି ରାତିରୁ ଜିଲ୍ଲାରେ ବର୍ଷାର ପରିମାଣ ଯଥେଷ୍ଟ କମିଯାଇଛି ଏବଂ ବନ୍ୟା ସ୍ଥିତିରେ ଦ୍ରୁତ ସୁଧାର ଆସିବା ସହ ସମସ୍ତ ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଗତ ୨୩ ରୁ ୨୫ ମଧ୍ୟରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି, କାଲିମେଳା, ମାଥିଲି, ମୋଟୁ, ଖଇରପୁଟ, ଚିତ୍ରକୋଣ୍ଡା, କୋରୁକୋଣ୍ଡା ଏବଂ ପଡ଼ିଆ ଭଳି ୭ଟି ବ୍ଲକ ଓ ୭ଟି ତହସିଲ ପ୍ରଭାବିତ ହୋଇଥିଲା। ଏହି ସମୟ ମଧ୍ୟରେ ସମୁଦାୟ ୮୬ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରେ ୮୫ଟି କଚ୍ଚା ଘର ଏବଂ ୧ଟି ପକ୍କା ଘର ସାମିଲ ଅଛି, ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ୩୨୪ ରୋଲ୍ ପଲିଥିନ୍ ସିଟ୍ ବିତରଣ କରାଯାଇଛି। ବର୍ଷା ଯୋଗୁଁ ୪୬ଟି ବିଦ୍ୟୁତ ଖୁଣ୍ଟ ଏବଂ ୧୨ଟି ଟ୍ରାନ୍ସଫର୍ମର ପ୍ରଭାବିତ ହେବା ଫଳରେ ପ୍ରାୟ ୧୨,୦୦୦ ଗ୍ରାହକ ପ୍ରଭାବିତ ହୋଇଛନ୍ତି ଏବଂ ଏହା ସହିତ ୧୫ଟି ଗ୍ରାମ୍ୟ ରାସ୍ତା ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟାନ୍ୟ କ୍ଷୟକ୍ଷତିର ଆକଳନ ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାରେ ଜାତୀୟ ରାଜପଥ-୩୨୬ ର ୫ଟି ପୋଲ ସମେତ ସମୁଦାୟ ୧୮ଟି ପୋଲ ପାଣିରେ ବୁଡ଼ି ରହିଥିଲା, ମାତ୍ର ବର୍ତ୍ତମାନ ପାଗ ସଫା ହେବା ପରେ ସମସ୍ତ ପୋଲ ଉପରୁ ବନ୍ୟା ଜଳ ସମ୍ପୂର୍ଣ୍ଣ କମିଯାଇଛି ଏବଂ ଯାତାୟାତ ସ୍ୱାଭାବିକ କରିବା ପାଇଁ ସବୁଗୁଡ଼ିକୁ ଖୋଲି ଦିଆଯାଇଛି। ବିପଦପୂର୍ଣ୍ଣ ଅଞ୍ଚଳରୁ ପ୍ରଶାସନ ଦ୍ୱାରା ୨,୪୦୯ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କୁ ୨୫ଟି ମାଗଣା ରୋଷେଇ କେନ୍ଦ୍ର ଜରିଆରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଥିବା ବେଳେ ବର୍ତ୍ତମାନ ୧୭୧ ଜଣ ଗର୍ଭବତୀ ମହିଳା ମା ଗୃହରେ ସୁରକ୍ଷିତ ଭାବେ ଆଶ୍ରୟ ନେଇଛନ୍ତି ଏବଂ ଅନ୍ୟ ୩ ଜଣ ଗର୍ଭବତୀ ମହିଳାଙ୍କୁ ଏକ ବିକଳ୍ପ ସଡ଼କ ପଥ ଦେଇ ସଫଳତାର ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କ୍ଷେତ୍ରରେ ହୋଇଥିବା ଫସଲ ହାନିର ଆକଳନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିବା ବେଳେ ଜରୁରୀକାଳୀନ ଭିତ୍ତିରେ ୪୩ଟି ଗୃହପାଳିତ ପଶୁଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସ୍ୱାସ୍ଥ୍ୟ ସ୍ଥିତି ଉପରେ ନଜର ରଖିବାକୁ ସମସ୍ତ ବ୍ଲକ ଅଞ୍ଚଳରେ ୨୨ଟି ସ୍ୱତନ୍ତ୍ର ମେଡିକାଲ ଟିମ୍ ନିୟୋଜିତ ହୋଇଛନ୍ତି। ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୨ଟି ଓଡ୍ରାଫ୍ ଟିମ୍, ବିପଦପୂର୍ଣ୍ଣ ସ୍ଥାନରେ ୭ଟି ଅଗ୍ନିଶମ ବାହିନୀ ଟିମ୍ ଏବଂ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏହା ସହିତ ଆନ୍ତଃ-ରାଜ୍ୟ ସହଯୋଗର ଏକ ଅନନ୍ୟ ଉଦାହରଣ ସ୍ୱରୂପ ଛତିଶଗଡ଼ ସରକାରଙ୍କ ଅନୁରୋଧ କ୍ରମେ ସୁକମା କଲେକ୍ଟରଙ୍କ ଆହ୍ୱାନ ରକ୍ଷା କରି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଟି ଅଗ୍ନିଶମ ଦଳକୁ ସୁକମା ଜିଲ୍ଲାର ଓଲେର୍ ଗ୍ରାମ ପଞ୍ଚାୟତକୁ ଉଦ୍ଧାର ଓ ଜରୁରୀକାଳୀନ ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଛି ଏବଂ ସେଠାରେ ବର୍ତ୍ତମାନ କାର୍ଯ୍ୟ ଜାରି ରହିଛି। ଖରାପ ପାଗ ଓ ରାସ୍ତା ସ୍ଥିତି ଯୋଗୁଁ ଗୋବିନ୍ଦପାଲ୍ଲୀଠାରେ ଅଟକି ରହିଥିବା ପ୍ରାୟ ୧୨୦ଟି ଟ୍ରକର ଚାଳକ, ହେଲ୍ପର ଏବଂ ବସ୍ ଚାଳକ ଓ କର୍ମଚାରୀମାନଙ୍କୁ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଭୋଜନ, ରାତ୍ରି ଭୋଜନ, ବିଶୁଦ୍ଧ ପିଇବା ପାଣି ବୋତଲ ସହିତ ସମ୍ପୂର୍ଣ୍ଣ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା ଏବଂ ବର୍ତ୍ତମାନ ସ୍ଥିତିରେ ସୁଧାର ଆସିବା ପରେ ସେହି ରୁଟ୍ଟ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଭାବେ ଖୋଲି ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କହିଛନ୍ତି ଯେ, ଗତକାଲି ରାତିରୁ ପାଗରେ ଉଲ୍ଲେଖନୀୟ ସୁଧାର ଆସିବା ସହ ବର୍ଷା କମିଛି, ଯାହା ଆମର ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛି। ସମସ୍ତ ପ୍ରମୁଖ ପୋଲ ଉପରୁ ବନ୍ୟା ଜଳ ଛାଡ଼ିଯାଇଛି ଓ ଯାତାୟାତ ଏବେ ସଂପୂର୍ଣ୍ଣ ସ୍ୱାଭାବିକ ଅଛି। ଓଡ୍ରାଫ୍, ଅଗ୍ନିଶମ ବାହିନୀ, ପୋଲିସ ଏବଂ ମେଡିକାଲ ଟିମ୍ ଗ୍ରାଉଣ୍ଡ ଜିରୋରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ ଭିତ୍ତିଭୂମି ଏବଂ ଗ୍ରାମ୍ୟ ରାସ୍ତାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରଶାସନ ଜିଲ୍ଲାବାସୀଙ୍କ ସୁରକ୍ଷା ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧ ଏବଂ ସ୍ଥିତି ଏବେ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ରହିଛି।

# ଢେଙ୍କାନାଳ... 

# ଢେଙ୍କିକୋଟରେ ଜିଲ୍ଲାସ୍ତରୀୟ ସତରଞ୍ଜ ଓ ଯୋଗ ପ୍ରତିଯୋଗିତା: ୧୩ ବ୍ଲକରୁ ପ୍ରାୟ ୧୩୦ ଖେଳାଳିଙ୍କ ଯୋଗଦାନ

କେନ୍ଦୁଝର,୨୮/୦୯ (ନି.ପ୍ର): ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠ ପରିସରରେ ଆଜି ଜିଲ୍ଲାସ୍ତରୀୟ ସତରଞ୍ଜ ଓ ଯୋଗ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକରୁ ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଯୋଗଦେଇ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ପଣ୍ଡା ପତାକା ଉତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସତରଞ୍ଜ ଓ ଯୋଗ ବିଭାଗରେ ବିଭିନ୍ନ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରି ଉତ୍କୃଷ୍ଟ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଅବସରରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଖେଳାଳିମାନେ ଆଗାମୀ ଦିନରେ କିପରି ନିଜ କ୍ରୀଡ଼ା ପ୍ରତିଭାର ବିକାଶ କରି ସଫଳତା ହାସଲ କରିପାରିବେ, ସେ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଯୋଗଦେଇ କୃତୀ ଖେଳାଳିମାନଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ପ୍ରତିଯୋଗିତାରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାର ସତରଞ୍ଜ ବିଭାଗକୁ ସମରଜିତ ସିଂହ ଓ ମୋହନ ମହାନ୍ତ ଏବଂ ଯୋଗ ବିଭାଗକୁ ମୌଲେନ୍ଦୁ ମହାନ୍ତ, ବିଷ୍ଣୁପ୍ରିୟା ଓଝା, ଜ୍ୟୋତି କମଳ ଓ କିଶୋର ପାଇକରାୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଘଟଗାଁ ବ୍ଲକ ଗେମ୍ସ ଆଣ୍ଡ ସ୍ପୋର୍ଟସ୍ ସେକ୍ରେଟାରୀ ପ୍ରଶାନ୍ତ କୁମାର ବେହେରା, ସୁରେଶ ପଲେଇ, ସୁବ୍ରତ ଲେଙ୍କା, ପ୍ରଶାନ୍ତ ମହାନ୍ତିଙ୍କ ସମେତ ସତ୍ୟନାରାୟଣ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା ଓ ପ୍ରତିଭା ବିକାଶରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଝାରସୁଗୁଡ଼ା,୨୮/୦୯ (ନି.ପ୍ର): ସଦର ଥାନା ଅନ୍ତର୍ଗତ ଆଇବି ବ୍ରିଜ୍ ନିକଟରେ ଆଜି ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ଖୁସି ଖାତୁନ (୩୦) ଏବଂ ତାଙ୍କ ସ୍ୱାମୀଙ୍କ ନାମ ନସିମ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଖୁସି ଖାତୁନ ତାଙ୍କ ସ୍ୱାମୀଙ୍କ ସହ ମୋଟରସାଇକେଲ୍ ଯୋଗେ ଝାରସୁଗୁଡ଼ାରୁ ବ୍ରଜରାଜନଗର ଅଭିମୁଖେ ଯାଉଥିଲେ। ପ୍ରାୟ ସକାଳ ୧୦ଟା ସମୟରେ ଆଇବି ବ୍ରିଜ୍ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କ ମୋଟରସାଇକେଲ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଖୁସି ଖାତୁନଙ୍କ ମୃତ୍ୟୁ ଘଟିଥିଲା।

# କେନ୍ଦ୍ରାପଡ଼ାରେ ଅଧିବକ୍ତା ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା,୨୮/୦୯ (ନି.ପ୍ର): ଅଧିବକ୍ତା ପରିଷଦ, ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ତିନିମୁହାଣିସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ସମର କେଶରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ଯୋଗଦେଇ ଉପସ୍ଥିତ ଆଇନଜୀବୀମାନଙ୍କୁ ଦିଗ୍ଦର୍ଶନ ଦେଇଥିଲେ। ସେ କହିଥିଲେ ଯେ, ପୂଜ୍ୟ ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ମାର୍ଗଦର୍ଶନ ଏବଂ ଜଷ୍ଟିସ୍ ଏମ୍. ରାମା ଜୋଇସ୍ ଓ ଜଷ୍ଟିସ୍ ଏଚ୍.ଆର.ଖାନ୍ନାଙ୍କ ଭଳି ବିଶିଷ୍ଟ ନ୍ୟାୟବିଦ୍‌ଙ୍କ ପ୍ରେରଣାରେ ୧୯୯୨ ମସିହାରେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଆବଶ୍ୟକତା ଭାବେ ହୋଇଥିଲା।

# ପୁରୀ ପ୍ରମୋ ରନ ଅନୁଷ୍ଠିତ : ବ୍ଲୁ ଫ୍ଲାଗ ବିଚ୍‌ଠାରୁ ତାଜ ବିଚ ପର୍ଯ୍ୟନ୍ତ ୫ କି.ମି. ଧାଇଁଲେ ୫୦୦ରୁ ଉର୍ଦ୍ଧ୍ୱ ଧାବକ

ପୁରୀ,୨୮/୦୯ (ନି.ପ୍ର): ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବ ପୁରୀ କୋଷ୍ଟାଲ ବିଚ ମାରାଥନ। ଏଥିରେ ଦେଶ ବିଦେଶରୁ ଧାବକ ଯୋଗ ଦେବେ। ଏହାର ପ୍ରମୋ ରନ ବା ସଚେତନତା ମାରାଥନ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପ୍ରତ୍ୟୁଷରୁ ବ୍ଲୁ ଫ୍ଲାଗ ବିଚ ଠାରୁ ଶୁଭାରମ୍ଭ ହୋଇଥିଲା। ଏହାକୁ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଓଡିଶାରେ ବେଳାଭୂମି ପର୍ଯ୍ୟଟନର ବ୍ୟାପକ ସୁଯୋଗ ରହିଛି। ଚଳିତ ବର୍ଷ ଠାରୁ ପୁରୀ କୋଷ୍ଟାଲ ବିଚ ମାରାଥନ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଛି। ଏହି ଚମତ୍କାର ପରିକଳ୍ପନା ପାଇଁ ଡା. ପାତ୍ର ମୁଖ୍ୟମନ୍ତ୍ରୀ ଓ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଉଥିବା ସ୍ଥାନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ତେଣୁ ଆମ ଜିଲ୍ଲା ଓ ରାଜ୍ୟର ଯୁବବର୍ଗ ସମସ୍ତ କ୍ଷେତ୍ରରେ ସାମିଲ ହୋଇ ନିଜ ସ୍ୱପ୍ନ ଓ ପ୍ରତିଭାକୁ ବିକଶିତ କରିବାକୁ ସାଂସଦ ଡା. ପାତ୍ର ଆହ୍ୱାନ ଦେଇଥିଲେ। ଅଞ୍ଚଳ ଓ ଆର୍ଥିକ ବିକାଶ ପାଇଁ ପର୍ଯ୍ୟଟନ ଏକ ଭଲ ଦିଗ। ତେଣୁ ଆମକୁ ସାମଗ୍ରିକ ସ୍ୱଚ୍ଛତା, ସୁରକ୍ଷା, ବ୍ୟବହାରରେ ଉତ୍କର୍ଷତା ଓ ପର୍ଯ୍ୟଟକଙ୍କୁ ସମ୍ମାନ ପ୍ରଦର୍ଶନର ଆବଶ୍ୟକତା ରହିଛି। ଏଥିପାଇଁ ଆମେ ସଂକଳ୍ପବଦ୍ଧ ହେବାକୁ ଡା. ପାତ୍ର ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶୀଲ କୁମାର ପତି, ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରୂପେଶ ରାଉତ, ଦେବସ୍ମିତା ମହାନ୍ତି, ସି ବିଚ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ପ୍ରମୋ ରନ ତାଜ ବିଚ ନିକଟରେ ପହଂଚି ଥିଲା। ଏଥିରେ ୫୦୦ରୁ ଉର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରି ବ୍ଲୁ ଫ୍ଲାଗ ବିଚ ଠାରୁ ତାଜ ବିଚ ପର୍ଯ୍ୟନ୍ତ ଧାଇଁଥିଲେ। ତାଜ ବିଚ୍ ଠାରେ ସାଂସଦ ଡା. ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ।

# ସେବା ମାସରେ ଦୁଇ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର: ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବଂଟନ

ଝାରସୁଗୁଡ଼ା,୨୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ପାଳିତ ହେଉଥିବା 'ସେବା ମାସ' ଉପଲକ୍ଷେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଶନିବାର କୋଲାବିରା ବିଜେପି ମଣ୍ଡଳ ପକ୍ଷରୁ ଲଇକେରା ବ୍ଲକର ସୋଡାମାଳ ପଂଚାୟତ ଅନ୍ତର୍ଗତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଏବଂ ଜାମମାଳଠାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଶିବିରର ଉଦ୍ଘାଟନ କରିଥିଲେ। ଏହି ଅବସରରେ ସେବା ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସେ ମତବ୍ୟକ୍ତ କରିବା ସହ ଶିବିରକୁ ଆସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ସୁଲଭ ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଂଚାଇବା ଆବଶ୍ୟକ ଏବଂ ଏଭଳି ଶିବିର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ଚିକିତ୍ସା ସେବା ପାଇବାରେ ସହାୟକ ହେବ ବୋଲି ସେ କହିଥିଲେ।

ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମହିଳା ରୋଗ ବିଶେଷଜ୍ଞ ଡା. ସୌମ୍ୟାରାଣୀ ପଟେଲ, ମେଡିସିନ ବିଶେଷଜ୍ଞ ଡା. ବାସୁଦେବ ମୁର୍ମୁ, ଡା. ରାଜକୁମାର ମାହୋଲିଆ, ଡା. ବିକାଶ କୁମାର, ଡା. ଏସ୍.କେ. ବୁଡ଼ା, ଓଥ୍ ଅଫିସର କ୍ଷିତିଶ ସିଂହ ପ୍ରମୁଖ ଚିକିତ୍ସା ସେବା ପ୍ରଦାନ କରିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଂଟନ କରାଯାଇଥିଲା।

ସୋଡାମାଳଠାରେ ଅନୁଷ୍ଠିତ ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ଓ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ଜାମମାଳ ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତ ପରୀକ୍ଷା କରାଯାଇଥିଲା।

ସୋଡାମାଳ ଶିବିରରେ ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ଉପସଭାପତି ସଞ୍ଜୟ ପୂଜାରୀ, ସରପଂଚ ଚନ୍ଦନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ମାନସ ଓଝା, ଲତିକା ସାହୁ, ସୌଦାମିନୀ କାଲୋ, କାର୍ତ୍ତିକ ସାହୁ, ସସ୍ମିତା ଗାର୍ଡିଆ, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜାମମାଳଠାରେ ଅନୁଷ୍ଠିତ ଶିବିରରେ ପାକେଲପଡ଼ା ମଣ୍ଡଳ ସଭାପତି କୁଳମଣି କିସାନ, ବିନୋଦ ବୁଦୁଲା, ନବୀନ ବୁଦୁଲା, ମୋତିଲାଲ ଡନସନା, ମନମୋହନ କଂଶରାଲି, ସମିତିସଭ୍ୟ ବାବୁଛିପିଡ଼ିହି, ନବୀନ କର୍ତ୍ତା, ପ୍ରଦୀପ ପ୍ରଧାନ, ଟିକେଶ୍ୱର ପୃଷେଠ, ନିର୍ମଳ ପଟେଲ, ସଂତୋଷିନୀ ବୁଦୁଲା, ଅନିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଉଭୟ ଶିବିରକୁ ସଫଳ କରିବାରେ ବିଜେପି କର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଚମ୍ପୁଆ ଏନଏସିରେ ନିମ୍ନମାନର ରାସ୍ତା ଓ ଡ୍ରେନ୍ କାମ: ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଚମ୍ପୁଆ,୨୮/୦୯ (ନି.ପ୍ର): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ହୋଇଥିବା ରାସ୍ତା ଏବଂ ଡ୍ରେନ୍ କାମ ଗୁଡିକ ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। କାମ ଆରମ୍ଭରୁ ବିଭାଗ ପକ୍ଷରୁ ଠିକ୍ ଭାବରେ ତଦାରଖ ନ ହେବା କାରଣରୁ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଯୋଗୁଁ କିଛି ଦିନର ବର୍ଷା କିମ୍ବା ବ୍ୟବହାର ପରେ ରାସ୍ତା ଓ ଡ୍ରେନ୍ ଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଲୋକଙ୍କ କଷ୍ଟଜର୍ଜିତ ଟିକସ ଏବଂ ସରକାରୀ ପାଣ୍ଠିର ଏପରି ଅପବ୍ୟୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। ତେଣୁ ଏହା ପଛରେ ରହିଥିବା ଦୁର୍ନୀତିଗ୍ରସ୍ତ ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀମାନେ ଏହି ନିମ୍ନମାନର କାମ ପାଇଁ ଦାୟୀ, ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ସମସ୍ତ ନିମ୍ନମାନର କାର୍ଯ୍ୟକୁ ଦୃଷ୍ଟିରେ ରଖି ଚମ୍ପୁଆ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ରାପଡ଼ାରେ 'ଅଙ୍ଗନ କା ଉତ୍ସବ-୨୦୨୬' ପାଳିତ

କେନ୍ଦ୍ରାପଡ଼ା,୨୮/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ-୨୦୨୬' ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଆୟୋଧ୍ୟାନଗର, ବଡ଼ହାଟ ଓ ବଟାପୁର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଭିଭାବକ, ଅଦ୍ଧିକା ବାଳିକା, ସୁଭଦ୍ରା ହିତାଧିକାରୀ, ପ୍ରାକ୍-ବିଦ୍ୟାଳୟ ଶିଶୁ, ସ୍ଥାନୀୟ ଜନପ୍ରତିନିଧି ଓ ସମୁଦାୟର ବିଭିନ୍ନ ବର୍ଗର ଲୋକେ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଉତ୍ସବର ଅଂଶ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପିତାମାନଙ୍କ ପାଇଁ ରେସିପି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପିତାମାନେ ଉତ୍ସାହର ସହ ଯୋଗଦେଇ ବିଭିନ୍ନ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଅଙ୍ଗନୱାଡ଼ି କେନ୍ଦ୍ରର ବିଭିନ୍ନ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଓଉଉଝ ଅଧୀନରେ ମିଳୁଥିବା ବିଭିନ୍ନ ସେବା ଓ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଓ ଅନୁଭୂତି ଜାଣିଥିଲେ।

# କୋରାପୁଟ ଜିଲ୍ଲାରେ ଗଢିଉଠିଛି ମଦଭାଟି, ହଜିଯାଉଛି ଭାଗବତ ଟୁଙ୍ଗୀ

ଜୟପୁର,୨୮/୦୯ (ନି.ପ୍ର): କୋରାପୁଟ ଜିଲା ପ୍ରତ୍ୟେକ ଗ୍ରାମରେ ଦେଶି ମଦ ଭାଟି ପ୍ରତି ଦିନ ଗଢି ଉଠୁଛି । କୋରାପୁଟ ଜିଲାର ଜୟପୁର. କୁନ୍ଦୁରା, ବୈପାରିଗୁଡା, କୋଟପାଡ, ବୋରିଗୁମ୍ମା, ଲମତାପୁଟ, ନାରାୟଣରାଟଣା, ପଟାଙ୍ଗୀ, ନନ୍ଦପୁର ଭଳି ଉପାନ୍ତ ଅଂଚଳରେ ଦେଶି ମଦ ପ୍ରସ୍ତୁତ କରି ସହରକୁ ଚାଲାଣ କରାଯାଉଛି । ମଦ ବନ୍ଦ କରିବାକୁ ମହିଳା ମାନେ ପୋଲିସ ଥାନା ଅବକାରି ଥାନା ଘେରାଉ କରି ଚଢାଉ ଦାବି କରୁଛନ୍ତି । ଏମିତିକି ପୁରୁଷ ମାନେ ଘର ଭଡା କାର୍ଡ, ଚାଉଳ କାର୍ଡ କୁ ବନ୍ଧକ ରଖି ମଦ ପିଇବା ସହ ମହିଳା ମାନଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ କରୁଛନ୍ତି । ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା । ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବନ୍ଧ ଭାଗବତ । ଏହା ବ୍ୟତୀତ ଗ୍ରାମାଂଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥିବା ଭାଗବତ କୋଠିରେ ଜମା ହେଉଥିଲା । ମନୋରଞ୍ଜନ ହେଉ ବା ଆଧ୍ୟାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଇଥିଲା । ଏହା ଦ୍ୱାରା ଗାଁରେ ଏକ ସକରାତ୍ମକ ଆଧ୍ୟାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ । ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଏକାଗ୍ରତା,ଭାତୃଭାବ ସୃଷ୍ଟି ହେଉଥିଲା । ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା । ସେତେବେଳେ ଗାଁ ମାନଙ୍କରେ ମଦ୍ୟପ ନଥିଲେ କହିଲେ ଚଳେ। ଭାଗବତ ପାଠ ସମୟରେ ମଦୂଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ । ସମୟ ବଦଳି ଯାଇଛି। ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ । ଟୁଙ୍ଗୀ ଗୁଡିକ ଧିରେ ଧିରେ ବ୍ଲକ, ପାଠାଗାର ସ୍ଥାନ ନେଇ ଯାଇଛି । ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି । ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି। ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି । ତା ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡା । ଖୁଂଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଷ୍ଚୟ ମଦ ମିଳିବ । ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି । ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବତାଇ ଥାନ୍ତି । ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି । ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି । ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି । ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ । ତାଙ୍କର ବୋଲକରା ହେବେ । ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ । ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ସମୟ ବଦଳି ଯାଇଛି । ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧ୍ୟାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହାର ଫଳପ୍ରଦ ହୋଇପାରି ନଥିଲା । କାଳିଆ ଯୋଜନା, ପିଏମ କିଷାନ ଯୋଜନା ମଦୁଆଙ୍କୁ ସୁହାଇଲା ଭଳି ହୋଇଯାଇଥିଲା । ଏହି ଟଙ୍କା ପାଇଲା ଦିନ ବ୍ୟାଙ୍କ ଓ ଏଟିଏମ ଗୁଡ଼ିକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ସଂଧ୍ୟାରେ ମଦଭାଟି ଗୁଡ଼ିକରେ ଅଧିକାଂଶ ଟଙ୍କା ଉଡି ଯାଉଥିଲା । ବର୍ତମାନ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ଯେତିକି ଆବଶ୍ୟକ ନୁହେଁ, ଏମାନଙ୍କ ଉନ୍ନତି ପାଇଁ ମଦ ବନ୍ଦ ହେବା ଜରୁରୀ ବୋଲି ସଚେତନ ମହିଳା ପ୍ରକାଶ କରିଛନ୍ତି । ସୁଭଦ୍ରା ଯୋଜନା ଅପେକ୍ଷା ମଦଭାଟି ବନ୍ଦ ହେଲେ ମହିଳାମାନେ ସୁରକ୍ଷିତ ରହିପାରିବେ ବୋଲି ମତ ପ୍ରକାଶ ପାଇଛି । କୋରାପୁଟ ଜିଲାର ଜୟପୁର କୁନ୍ଦୁରା, ବୋରିଗୁମ୍ମା ରେ ମହିଳା ମାନେ ଗ୍ରାମରେ ମଦ ବନ୍ଦ କରିବା ପାଇ ବାରମ୍ବାର ମଦ ବନ୍ଦ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଲକ୍ଷ୍ୟ କରାଯାଇଛି ।

# ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରା ସାରି ଝାରସୁଗୁଡ଼ା ଫେରିଲେ ୫୦ ଜଣ ବରିଷ୍ଠ ନାଗରିକ

ଝାରସୁଗୁଡ଼ା,୨୮/୦୯ (ନି.ପ୍ର): ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଝାରସୁଗୁଡ଼ା ଜିଲ୍ଲାରୁ ଅଯୋଧ୍ୟା ଓ ବାରାଣକ୍ଷସୀ ତୀର୍ଥଯାତ୍ରାରେ ଯାଇଥିବା ୫୦ ଜଣ ବରିଷ୍ଠ ନାଗରିକ ଆଜି ତୀର୍ଥ ଯାତ୍ରା ସାରି ନିଜ ଜିଲ୍ଲାକୁ ଫେରିଛନ୍ତି।ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରାଣସୀର ବିଭିନ୍ନ ପବିତ୍ର ତୀର୍ଥସ୍ଥଳୀ ପରିଦର୍ଶନ କରି ଆଧ୍ୟାତ୍ମିକ ଅନୁଭୂତି ପ୍ରାପ୍ତ କରିଥିଲେ। ତୀର୍ଥଯାତ୍ରା ସମୟରେ ସେମାନେ ଅଯୋଧ୍ୟା ଓ ବାରାଣସୀର ବିଭିନ୍ନ ଧାର୍ମିକ ଓ ଐତିହାସିକ ସ୍ଥାନ ପରିଦର୍ଶନ କରିଥିଲେ। ଦୀର୍ଘଦିନର ତୀର୍ଥଯାତ୍ରାର ଇଚ୍ଛା ପୂରଣ ହୋଇଥିବାରୁ ବରିଷ୍ଠ ନାଗରିକମାନେ ଖୁସି ପ୍ରକାଶ କରିବା ସହ ଏହି ସୁଯୋଗ ପାଇଁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ। ତୀର୍ଥଯାତ୍ରୀମାନେ ସୁରକ୍ଷିତ ଓ ସୁବିଧାଜନକ ଭାବେ ଯାତ୍ରା ସମାପ୍ତ କରି ଫେରିବା ପର୍ଯ୍ୟନ୍ତ ସେମାନଙ୍କ ସହ ଏସ୍କର୍ଟ ଅଫିସର ୨ ଜଣ (ଶ୍ରବଣ କୁମାର ଭାବେ) ଉପସ୍ଥିତ ରହିଥିଲେ। ସମ୍ବଲପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନରେ ପହଂଚିବା ପରେ ୩ ଗୋଟି ବସ ଯୋଗେ ଜିଲ୍ଲା ସଂସ୍କୃତି ଭବନ, ଝାରସୁଗୁଡା ପର୍ଯ୍ୟନ୍ତ ଅଣାଯାଇଥିଲା। ଝାରସୁଗୁଡ଼ାକୁ ଫେରିବା ପରେ ବରିଷ୍ଠ ତୀର୍ଥଯାତ୍ରୀମାନେ ନିଜ ତୀର୍ଥଯାତ୍ରାର ଅନୁଭୂତି ବ୍ୟକ୍ତ କରି ଅଯୋଧ୍ୟା ଓ ବାରାଣକ୍ଷସୀ ଦର୍ଶନ ସେମାନଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ହୋଇଥିବା ବିଷୟରେ ବଖାଣି ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ଯାତ୍ରାକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ସଫଳ କରିବା ପାଇଁ ଆବଶ୍ୟକ ସମସ୍ତ ସମନ୍ୱୟ ଓ ବ୍ୟବସ୍ଥା କରାଯାଇଥିଲା। ପରେ ସେମାନଙ୍କୁ ୩ ଗୋଟି ମିନି ବସ ଯୋଗେ ଉନେଇସଖଣ୍ଡ ମୌଜାର ଗୁଡମ ପର୍ଯ୍ୟନ୍ତ ଗୋଟିଏ ବସ, କୁମାରବନ୍ଧ, ସିଙ୍ଗେଇପାଲି ଭାୟା ବ୍ରଜରାଜନଗର ଏବଂ ବେଲପାହାଡ଼କୁ ଗୋଟିଏ ବସ ତଥା କୋଲାବିରା, ଲଇକେରା, କିର୍ମୀରକ୍ଷ ପାଇଁ ଗୋଟିଏ ବସ ଯୋଗେ ତୀର୍ଥଯାତ୍ରୀଙ୍କ ଘର ପର୍ଯ୍ୟନ୍ତ ଛାଡିବା ପାଇଁ ଜ୍ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଜରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ଡେପୁଟି କଲେକ୍ଟର ତଥା ଜ୍ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀ ସୋମେଶ ଆଚାର୍ଯ୍ୟ। ଅନ୍ୟ ମାନଙ୍କ ମଧ୍ୟରେ ଜ୍ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜ୍ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସହକାରୀ ଜ୍ଜିଲ୍ଲାପାଳ ବିଶ୍ୱଜିତ ରାଉତ, ଜ୍ଜିଲ୍ଲା ସଂସ୍କୃତି କାର୍ଯ୍ୟକ୍ଷ ଲୟର ମୌସୁମ ପଟେଲ, ଧୀରଜ ରୋଶନ ପଧାନ, କାହ୍ନୁ ଚରଣ ମୁଦୁଲି, ନିରଞ୍ଜନ ମାଲି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ପିଲାଙ୍କଠାରେ ଦେଖାଦେଉଛି ଦୃଷ୍ଟି ସମସ୍ୟା : ଜାଣନ୍ତୁ ଏହାର ଲକ୍ଷଣ

**ସାଧାରଣ ରୋଗକୁ ସହଜରେ ଚିହ୍ନଟ କରାଯାଇପାରେ କିନ୍ତୁ ପିଲାମାନଙ୍କଠାରେ ଦୃଷ୍ଟି ସମସ୍ୟାକୁ ଆରମ୍ଭରୁ ଚିହ୍ନଟ କରିବା ସହଜ ନୁହେଁ। ଅନେକ ସମୟରେ ପିଲାମାନେ ନିଜ ଦୃଷ୍ଟିରେ ସମସ୍ୟା ଥିବା କଥା ଅନୁଭବ କରିପାରନ୍ତି ନାହିଁ । ଫଳରେ ଟିଭି ପାଖରେ ବସିବା, ପଢ଼ିବା ସମୟରେ ଆଖି ମକଚିବା କିମ୍ବା ବାରମ୍ବାର ମୁଣ୍ତବିନ୍ଧା ଭଳି ଲକ୍ଷଣକୁ ପିତାମାତା ସାଧାରଣ ଅଭ୍ୟାସ ବୋଲି ଭାବନ୍ତି । ଚକ୍ଷୁ ବିଶେଷଗ୍ୟଂଙ୍କ କହିବା ଅନୁସାରେ, ଏପରି କିଛି ସୂକ୍ଷ୍ମ ଲକ୍ଷଣ ଦୃଷ୍ଟି ସମସ୍ୟାର ସଙ୍କେତ ହୋଇପାରେ। ତେଣୁ ଏଗୁଡ଼ିକ ବାରମ୍ବାର ଦେଖାଦେଲେ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଇବା ଜରୁରୀ ।**



**୧. ଟିଭି କିମ୍ବା ସ୍କ୍ରିନ୍‌ର ଅତି ନିକଟରେ ବସିବା**

ପିଲା ନିୟମିତ ଭାବେ ଟିଭି ପାଖରେ ବସୁଥିଲେ କିମ୍ବା ବହିକୁ ମୁହଁର ଅତି ନିକଟରେ ଧରି ପଢୁଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଦୂରର ଜିନିଷ ସ୍ପଷ୍ଟ ଦେଖିବାରେ ସମସ୍ୟା ଥିଲେ ପିଲା ଏପରି କରିପାରେ।

**୨. ବାରମ୍ବାର ଆଖି ମକଚିବା କିମ୍ବା ବନ୍ଦ କରିବା**

କିଛି ଦେଖିବା କିମ୍ବା ପଢ଼ିବା ସମୟରେ ପିଲା ବାରମ୍ବାର ଗୋଟିଏ କିମ୍ବା ଦୁଇଟି ଆଖି ମକଚୁଥିଲେ କିମ୍ବା ବନ୍ଦ କରୁଥିଲେ ଏହା ଦୃଷ୍ଟି ସମସ୍ୟାର ସଙ୍କେତ ହୋଇପାରେ।

**୩. ବୋର୍ଡରୁ ଲେଖା କପି କରିବାରେ ସମସ୍ୟା**

ଶ୍ରେଣୀଗୃହର ବୋର୍ଡରୁ ଲେଖା କପି କରିବା ସମୟରେ ପିଲା ବାରମ୍ବାର ଭୁଲ କରୁଥିଲେ ତାହାକୁ କେବଳ ଅସାବଧାନତା ବୋଲି ଧରିନିଅନ୍ତୁ ନାହିଁ। ଦୂରର ଲେଖା ଦେଖିବାରେ ଅସୁବିଧା ଏହାର କାରଣ ହୋଇପାରେ।

**୪. ବାରମ୍ବାର ମୁଣ୍ଡବିନ୍ଧା**

ପିଲା ସ୍କୁଲରୁ ଫେରିବା ପରେ କିମ୍ବା ଦୀର୍ଘ ସମୟ ପଢ଼ିବା ପରେ ନିୟମିତ ମୁଣ୍ଡବିନ୍ଧା ଅଭିଯୋଗ କଲେ ଏହା ଆଖିର ଚାପ ସହ ଜଡ଼ିତ ହୋଇପାରେ।

**୫. ମୁଣ୍ଡକୁ ଏକ ନିର୍ଦ୍ଦିଷ୍ଟ ପାର୍ଶ୍ୱକୁ ଢଳାଇ ଦେଖିବା**

ପିଲା କିଛି ଦେଖିବା କିମ୍ବା ପଢ଼ିବା ସମୟରେ ବାରମ୍ବାର ମୁଣ୍ଡକୁ ଗୋଟିଏ ପାର୍ଶ୍ୱକୁ ଢଳାଇ ରଖୁଥିଲେ ଏହାର ପଛରେ ଦୃଷ୍ଟି ସମସ୍ୟା କିମ୍ବା ସ୍କ୍ୱିଣ୍ଟ୍ ଭଳି ସମସ୍ୟା ଥାଇପାରେ।

**୬. ଆଲୋକ କିମ୍ବା ଅନ୍ଧାରରେ ଦେଖିବାରେ ଅସୁବିଧା**

ଉଜ୍ଜ୍ୱଳ ଆଲୋକରେ ଦେଖିବାରେ ଅସୁବିଧା, ଆଖିରେ ଅସ୍ୱସ୍ତି କିମ୍ବା କମ୍ ଆଲୋକରେ ଜିନିଷ ଦେଖିବାରେ ସମସ୍ୟା ହେଉଥିଲେ ଏହାକୁ ମଧ୍ୟ ଅଣଦେଖା କରିବା ଠିକ୍ ନୁହେଁ।

**୭. ଦୃଷ୍ଟି ଉପରେ ଅଧିକ ଚାପ ଦେଇ ଦେଖିବା**

ପିଲା ଦୂରର କୌଣସି ଜିନିଷ ଦେଖିବା କିମ୍ବା ପଢ଼ିବା ସମୟରେ ଅସାଧାରଣ ଭାବେ ଆଖିରେ ଚାପ ଦେଉଥିଲେ, ଏହା ଦୃଷ୍ଟି ସ୍ପଷ୍ଟତା ସମ୍ପର୍କିତ ସମସ୍ୟାର ସଙ୍କେତ ହୋଇପାରେ। ପିଲା ଛୋଟ ଥିବାରୁ ତାଙ୍କର ଆଖିରେ ସମସ୍ୟା ହେବ ନାହିଁ ବୋଲି ଭାବିବା ଭୁଲ। ଅନେକ ପିଲା ନିଜ ଦୃଷ୍ଟି ସାଧାରଣ ନୁହେଁ ବୋଲି ବୁଝିପାରନ୍ତି ନାହିଁ, କାରଣ ସେମାନେ ଛୋଟବେଳୁ ଯେଉଁଭଳି ଦେଖୁଛନ୍ତି ତାହାକୁ ହିଁ ସାଧାରଣ ବୋଲି ଧରିନିଅନ୍ତି। ତେଣୁ ପିଲାଙ୍କ ଆଚରଣରେ ଏପରି ଲକ୍ଷଣ ବାରମ୍ବାର ଦେଖାଦେଲେ ପିତାମାତା ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ସମୟ ମଧ୍ୟରେ ଦୃଷ୍ଟି ସମସ୍ୟା ଚିହ୍ନଟ ହେଲେ ଆବଶ୍ୟକ ଚିକିତ୍ସା କିମ୍ବା ହସ୍ତକ୍ଷେପ ଶୀଘ୍ର ଆରମ୍ଭ କରାଯାଇପାରିବ। ପିଲାଙ୍କ ଦୃଷ୍ଟି ସମ୍ପର୍କିତ କୌଣସି ଅସାଧାରଣ ଲକ୍ଷଣ ନିୟମିତ ଭାବେ ଦେଖାଦେଲେ ନିଜେ ଅନୁମାନ କରିବା ପରିବର୍ତ୍ତେ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଆଖି ପରୀକ୍ଷା କରାଇବା ଅଧିକ ସୁରକ୍ଷିତ।

# ପକୋଡା ଛାଣିବା ପରେ ଛଣା ତେଲକୁ ଏମିତି କରନ୍ତୁ ଆଉଥରେ ବ୍ୟବହାର



ଘରେ ପକୋଡ଼ା, ପୁରି କିମ୍ବା ଅନ୍ୟ କିଛି ଜିନିଷ ଛାଣିବା ପରେ କଡ଼େଇରେ ଅନେକ ସମୟରେ ତେଲ ବଳିଯାଏ। ଏହି ବଳକା ତେଲକୁ ଅନେକେ ଫିଙ୍ଗି ଦିଅନ୍ତି। ତେବେ ଠିକ୍ ଭାବେ ସଂରକ୍ଷଣ କଲେ ଏହି ତେଲକୁ କିଛି କାମରେ ପୁଣି ବ୍ୟବହାର କରାଯାଇପାରିବ। ତେବେ ସମସ୍ତ ବଳକା ତେଲ ପୁନଃବ୍ୟବହାର ଯୋଗ୍ୟ ନୁହେଁ। ତେଲର ଅବସ୍ଥା ଦେଖି ଏହାକୁ ବ୍ୟବହାର କରିବା ଜରୁରୀ।

*ପ୍ରଥମେ ତେଲକୁ ଭଲ ଭାବେ ଛାଣନ୍ତୁ*

ପକୋଡ଼ା କିମ୍ବା ପୁରୀ ଛାଣିବା ପରେ ତେଲରେ ବେସନ, ମଇଦା କିମ୍ବା ଖାଦ୍ୟର ଛୋଟ ଛୋଟ କଣିକା ରହିଯାଏ। ଏହି କଣିକା ତେଲକୁ ଶୀଘ୍ର ନଷ୍ଟ କରିପାରେ। ତେଣୁ ତେଲକୁ ପ୍ରଥମେ ସମ୍ପୂର୍ଣ୍ଣ ଥଣ୍ଡା କରି ସୂକ୍ଷ୍ମ ଛଣା କିମ୍ବା ସଫା କପଡ଼ାରେ ଛାଣି ନିଅନ୍ତୁ। ପରେ ଏହାକୁ ସଫା ଓ ଶୁଖିଲା ପାତ୍ରରେ ରଖନ୍ତୁ।

*୧. ଡାଲି ଓ ତରକାରୀରେ ଛୁଙ୍କ*

ବଳକା ତେଲକୁ ପୁଣି ଛାଣିବା ପାଇଁ ବ୍ୟବହାର ନକରି ଡାଲି, ତରକାରୀରେ ଛୁଙ୍କ ଦେବା ପାଇଁ ବ୍ୟବହାର କରିପାରିବେ। ଭଜା ତେଲରେ ଥିବା ସୁଗନ୍ଧ ଖାଦ୍ୟର ସ୍ୱାଦକୁ ମଧ୍ୟ ବଢ଼ାଇପାରେ।

*୨. ଶୁଖିଲା ତରକାରୀରେ ବ୍ୟବହାର*

ଆଳୁ, ଭେଣ୍ଡି, ବନ୍ଧାକୋବି ଭଳି ଶୁଖିଲା ତରକାରୀ ରାନ୍ଧିବା ସମୟରେ ଅଳ୍ପ ପରିମାଣର ବଳକା ତେଲ ବ୍ୟବହାର କରିପାରିବେ। ତେବେ ତେଲରେ ପୋଡ଼ା ଗନ୍ଧ ନଥିବା ଜରୁରୀ।

*୩.ସ୍ନାକ୍ସ ତିଆରିରେ ବ୍ୟବହାର*

ବଳକା ତେଲ ଯଦି ଅଧିକ ଗାଢ଼ ହୋଇନଥାଏ କିମ୍ବା ପୋଡ଼ା ଗନ୍ଧ ନଥାଏ, ତେବେ ପରଟା କିମ୍ବା ନମକିନ୍ ତିଆରି ସମୟରେ ମଇଦାରେ ଅଳ୍ପ ପରିମାଣର ତେଲ ମିଶାଇପାରିବେ। ଏହା ଖାଦ୍ୟକୁ କ୍ରିସ୍ପି କରିବାରେ ସହାୟକ ହୋଇପାରେ।

*୪. ଆଚାର କିମ୍ବା ସସ୍‌ରେ ବ୍ୟବହାର*

ସଫା ଓ ଦୁର୍ଗନ୍ଧମୁକ୍ତ ବଳକା ତେଲକୁ ଘରୋଇ ଆଚାର ଉପରେ ଅଳ୍ପ ପରିମାଣରେ ବ୍ୟବହାର କରାଯାଇପାରେ। ତେବେ ଏଥିପାଇଁ ତେଲ ସଫା ଓ ଖାଦ୍ୟଯୋଗ୍ୟ ଅବସ୍ଥାରେ ଥିବା ଆବଶ୍ୟକ।

*୫. ଘରର ଅନ୍ୟ କାମରେ ବ୍ୟବହାର*

ଖାଦ୍ୟରେ ବ୍ୟବହାର କରିବାକୁ ଇଚ୍ଛା ନଥିଲେ ବଳକା ତେଲକୁ କିଛି ଘରୋଇ କାମରେ ବ୍ୟବହାର କରିହେବ। କବାଟର କବଜାରେ ଅଳ୍ପ ତେଲ ଲଗାଇଲେ କର୍କଶ ଶବ୍ଦ କମିପାରେ। ଧାତୁର କିଛି ଜିନିଷରେ ତେଲ ଲଗାଇଲେ ଆର୍ଦ୍ରତାରୁ ସୁରକ୍ଷା ମିଳିପାରେ।

*୬. କାଠ ଆସବାବପତ୍ରରେ ବ୍ୟବହାର*

କିଛି ଲୋକ ପୁରୁଣା କାଠ ଆସବାବପତ୍ରରେ ଅଳ୍ପ ତେଲ ଲଗାଇ ପଲିସ୍ ଭଳି ବ୍ୟବହାର କରନ୍ତି। କିନ୍ତୁ କୌଣସି ମୂଲ୍ୟବାନ କିମ୍ବା ନୂଆ ଫର୍ଣ୍ଣିଚରରେ ଲଗାଇବା ପୂର୍ବରୁ ଛୋଟ ଅଂଶରେ ପରୀକ୍ଷା କରିବା ଭଲ।

*୭. ବଗିଚାରେ ସାବଧାନତାର ସହ ବ୍ୟବହାର*

ବଳକା ରନ୍ଧନ ତେଲକୁ ସିଧାସଳଖ ଗଛର ମାଟିରେ ଢାଳିବା ଉଚିତ୍ ନୁହେଁ। ଏହା ମାଟିର ଗୁଣ ଓ ଗଛର ମୂଳକୁ କ୍ଷତି କରିପାରେ। ତେଣୁ ବଗିଚାରେ ବ୍ୟବହାର କରିବାକୁ ହେଲେ ଉପଯୁକ୍ତ ଉଦ୍ଭିଦ-ସୁରକ୍ଷା ପଦ୍ଧତି ବିଷୟରେ ନିଶ୍ଚିତ ହୋଇ ତାହା ପରେ ବ୍ୟବହାର କରନ୍ତୁ।

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ ଜାଣନ୍ତୁ



ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ୍ୟ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।

କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ୍ୟ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ।

କଦଳୀ ପତ୍ରରେ ମଧ୍ୟ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ୍ୟ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

# ରହିବନି ଆଉ ଷ୍ଟ୍ରେଚ୍‌ମାର୍କ: ଆପଣାନ୍ତୁ ଘରୋଇ ଉପଚାର...

**ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ୍ୟ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...**



**ଚନ୍ଦନ ପ୍ୟାକ୍ :**

ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟୋ ରସ ଓ ମହୁ ମଧ୍ୟ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

**ଆଲୋଭେରା:**

ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

# ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ



ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ। ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଁଆ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ। ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ। ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

# ଗଣତନ୍ତ୍ରର 'ବ୍ଲାକ୍ ବକ୍ସ': ତ୍ରୁଟିପୂର୍ଣ୍ଣ ସଫ୍ଟୱେର୍ ଛଡ଼ାଇ ନେଉଛି କୋଟି କୋଟି ଲୋକଙ୍କ ମତାଧିକାର

ଗଣତନ୍ତ୍ରର ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଆଧାର ହେଉଛି ଏକ ସ୍ୱଚ୍ଛ ତଥା ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା । ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଆୟୋଗଙ୍କ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ ରହିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପରିଚାଳିତ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର) ପ୍ରକ୍ରିୟାକୁ ନେଇ ଅନେକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ସଫ୍ଟୱେର୍ ଏବଂ ପ୍ରଯୁକ୍ତିବିଦ୍ୟାରେ ସ୍ୱଚ୍ଛତାର ଘୋର ଅଭାବ ପରିଲକ୍ଷିତ ହେଉଛି । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନଙ୍କର ମତାଧିକାର ସୁରକ୍ଷିତ ରହିବା ଅତ୍ୟନ୍ତ ଜରୁରୀ, ମାତ୍ର ଏକ ଅସ୍ୱଚ୍ଛ ଆଲଗୋରିଦମ୍ ଏବଂ ତ୍ରୁଟିପୂର୍ଣ୍ଣ ସଫ୍ଟୱେର୍ ମାଧ୍ୟମରେ କୋଟି କୋଟି ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବାର ଆଶଙ୍କା ଏବେ ସମଗ୍ର ଦେଶରେ ଉଦବେଗର କାରଣ ପାଲଟିଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାଟି କିପରି ବିନା କୌଣସି ସାର୍ବଜନୀନ ଉତ୍ତରଦାୟିତ୍ୱରେ ପରିଚାଳିତ ହେଉଛି, ତାହାର ଏକ ଗଭୀର ବିଶ୍ଲେଷଣ କଲେ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି । ପ୍ରଯୁକ୍ତିବିଦ୍ୟାର ଉପଯୋଗ ନିର୍ବାଚନ ପ୍ରକ୍ରିୟାକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ ହେବା ଉଚିତ୍, ମାତ୍ର ବର୍ତ୍ତମାନର ସ୍ଥିତି ଦେଖିଲେ ଲାଗୁଛି ଯେ ଏହା ସାଧାରଣ ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବାର ଏକ ମାଧ୍ୟମ ପାଲଟିଯାଇଛି ।

ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ସମଗ୍ର ଦେଶରେ ଲାଗୁ କରାଯାଉଛି । ମିଳିଥିବା ତଥ୍ୟ ଅନୁଯାୟୀ, ଏହି ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୧ କୋଟି ଭୋଟରଙ୍କ ତଥ୍ୟ ଯାଞ୍ଚ କରାଯାଇଥିଲା । ମେ ୧, ୨୦୨୬ ରେ ଜାତିସଂଘର ସ୍ୱତନ୍ତ୍ର ରିପୋର୍ଟ ଅନୁସାରେ କେବଳ ଏହି ଦ୍ୱିତୀୟ ପର୍ଯ୍ୟାୟରେ ହିଁ ପ୍ରାୟ ୫.୨ କୋଟି ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଛି । ବର୍ତ୍ତମାନ ଏହାର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯେଉଁଥିରେ ଦେଶର ୧୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୩୬.୭୩ କୋଟି ଭୋଟର ସାମିଲ ଅଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ତୃତୀୟ ପର୍ଯ୍ୟାୟରେ ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ପ୍ରାୟ ୧.୭୬ କୋଟି ଲୋକଙ୍କୁ ଯୌକ୍ତିକ ଅସଙ୍ଗତି ବା ଲଜିକାଲ୍ ଡିସକ୍ରିପାନ୍ସି ଦର୍ଶାଇ ନୋଟିସ୍ ପଠାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବିଶାଳ ତଥ୍ୟ ଯାଞ୍ଚ ପ୍ରକ୍ରିୟା ପାଇଁ ଯେଉଁ ମୂଳ ତଥ୍ୟ ବା ବେସ୍ ଡାଟା ବ୍ୟବହାର କରାଯାଉଛି, ତାହା ହେଉଛି ୨୦୦୨ ରୁ ୨୦୦୬ ମସିହା ମଧ୍ୟରେ ପ୍ରସ୍ତୁତ ହୋଇଥିବା ପୁରୁଣା କାଗଜ ଭୋଟର ତାଲିକାର ତରବରିଆ ଭାବେ କରାଯାଇଥିବା ଡିଜିଟାଇଜେସନ୍ । ଦୁଇ ଦଶନ୍ଧି ତଳର ଏକ ପୁରୁଣା କାଗଜ ଦସ୍ତାବିଜକୁ ଆଧାର କରି ଆଜିର ସମୟରେ ଏକ ସଫ୍ଟୱେର୍ ମାଧ୍ୟମରେ ଲୋକଙ୍କ ନାଗରିକତ୍ୱ ଏବଂ ମତାଧିକାରର ଯାଞ୍ଚ କରିବା କେତେ ଦୂର ଯୁକ୍ତିଯୁକ୍ତ, ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହି ପ୍ରକ୍ରିୟାରେ ବ୍ୟବହୃତ ହେଉଥିବା ପ୍ରଯୁକ୍ତିବିଦ୍ୟାର ସ୍ୱଚ୍ଛତା ଉପରେ ନଜର ପକାଇଲେ ପରିସ୍ଥିତି ଆହୁରି ସଙ୍ଗୀନ ମନେହୁଏ । ନିର୍ବାଚନ ଆୟୋଗ ପୂର୍ବରୁ ୨୦୧୬ ମସିହାରେ ପ୍ରସ୍ତୁତ ଏକ ନିର୍ଦ୍ଦିଷ୍ଟ ଡି-ଡୁପ୍ଲିକେସନ୍ ସଫ୍ଟୱେର୍ ବ୍ୟବହାର କରୁଥିଲେ, ଯାହାର ଏକ ସ୍ପଷ୍ଟ ଲିଖିତ ନିୟମାବଳୀ ଥିଲା । କିନ୍ତୁ ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ଆୟୋଗ ହଠାତ୍ ସେହି ସଫ୍ଟୱେର୍‌କୁ ବନ୍ଦ କରିଦେଇ ଏକ ଅଲିଖିତ ଏବଂ ଅପ୍ରମାଣିତ ସିଷ୍ଟମ୍ ଲାଗୁ କରିଥିଲେ । ପୁରୁଣା ସଫ୍ଟୱେର୍ ବ୍ୟବହାର ନହେବା ଫଳରେ ବିହାରର ଚୂଡ଼ାନ୍ତ ଭୋଟର ତାଲିକାରେ ୧୪.୩୫ ଲକ୍ଷ ସନ୍ଦିଗ୍ଧ ନକଲି ନାମ ରହିଯାଇଥିଲା । ଏପରିକି ଗୋଟିଏ ଠିକଣାରେ ୬୫୦ ଜଣ ଭୋଟର ଥିବାର ମଧ୍ୟ ଦେଖାଯାଇଥିଲା ଏବଂ ମୋଟ ୧.୩୨ କୋଟି ଭୋଟର ଏକାଧିକ ସ୍ଥାନରେ ଗୋଟିଏ ଠିକଣା ବ୍ୟବହାର କରିଥିଲେ । ଅନ୍ୟପକ୍ଷରେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ସି-ଡାକ୍ ଦ୍ୱାରା ପ୍ରସ୍ତୁତ ମୂଳ ଇଆରଓନେଟ୍ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇ ୨୦୨୩ ମସିହାରୁ ଇଆରଓନେଟ୍ ୨.୦ ନାମକ ଏକ ନୂତନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ନୂତନ ବ୍ୟବସ୍ଥାକୁ ଟାଟା କନସଲଟାନ୍ସି ସର୍ଭିସେସ୍ ଦ୍ୱାରା ପରିଚାଳନା କରାଯାଉଛି ବୋଲି ଏକ ରିପୋର୍ଟରୁ ଜଣାପଡିଛି, ଯାହାକୁ ନିର୍ବାଚନ ଆୟୋଗ କେବେହେଲେ ସାର୍ବଜନୀନ କରିନଥିଲେ । ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ତଥ୍ୟଭଣ୍ଡାରର ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥା ହାତରେ ଥିବା ବେଳେ ଏହାର ଆଲଗୋରିଦମ୍, ମ୍ୟାଚିଂ ଥ୍ରେସହୋଲ୍ଡ, ଫଲ୍ସ-ପଜିଟିଭ୍ ରେଟ୍ କିମ୍ବା ଡାଟା ସୁରକ୍ଷା ପ୍ରଭାବ ଆକଳନ ସମ୍ପର୍କରେ କୌଣସି ତଥ୍ୟ ପ୍ରକାଶ କରାଯାଇନାହିଁ । ଏହା ଏକ ବ୍ଲାକ୍ ବକ୍ସ ସଦୃଶ କାର୍ଯ୍ୟ କରୁଛି, ଯେଉଁଠାରେ ଇନପୁଟ୍ ଏବଂ ଆଉଟପୁଟ୍ ମଧ୍ୟରେ କଣ ଘଟୁଛି ତାହା କାହାକୁ ଜଣାନାହିଁ ।

ଏହି ତ୍ରୁଟିପୂର୍ଣ୍ଣ ସଫ୍ଟୱେର୍ କାରଣରୁ ଲକ୍ଷ ଲକ୍ଷ ସାଧାରଣ ନାଗରିକ ହଇରାଣ ହେଉଛନ୍ତି । ଉଦାହରଣସ୍ୱରୂପ, ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଲିଖିତ ଭାବେ ସ୍ୱୀକାର କରିଥିଲେ ଯେ ୨୦୦୨ ମସିହାର ମୂଳ ତଥ୍ୟଗୁଡ଼ିକ ସଠିକ୍ ଭାବରେ ଡିଜିଟାଇଜ୍ ହୋଇନଥିବାରୁ ଫ୍ଲାଗିଂ ସଫ୍ଟୱେର୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ । ବଙ୍ଗଳା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ଥିବା ଭୋଟର ତାଲିକାକୁ ଏକ ମେସିନ୍ ଟ୍ରାନ୍ସଲିଟେରେସନ୍ ଇଞ୍ଜିନ୍ ମାଧ୍ୟମରେ ଇଂରାଜୀକୁ ଅନୁବାଦ କରାଯାଇଥିଲା । ଏହି ଯାନ୍ତ୍ରିକ ଅନୁବାଦରେ ଅନେକ ବନାନଗତ ତ୍ରୁଟି ରହିବା ସ୍ୱାଭାବିକ । କିନ୍ତୁ ସଫ୍ଟୱେର୍ ଏହି ସାମାନ୍ୟ ବନାନ ତ୍ରୁଟିକୁ ମଧ୍ୟ ଯୌକ୍ତିକ ଅସଙ୍ଗତି ଭାବରେ ଚିହ୍ନଟ କରୁଛି । ଫଳସ୍ୱରୂପ, ପଶ୍ଚିମବଙ୍ଗରେ ପ୍ରାୟ ୧.୩୧ କୋଟି (୧୭.୧୧ ପ୍ରତିଶତ) ଏବଂ ମଧ୍ୟପ୍ରଦେଶରେ ୨.୩୫ କୋଟି (୪୧.୨୨ ପ୍ରତିଶତ) ଭୋଟରଙ୍କୁ ସନ୍ଦିଗ୍ଧ ଭାବରେ ଚିହ୍ନଟ କରାଯାଇଛି । ଏହି ସଫ୍ଟୱେରର ନିୟମଗୁଡ଼ିକ ଏତେ ହାସ୍ୟାସ୍ପଦ ଯେ, ଯଦି ପିତାମାତା ଏବଂ ସନ୍ତାନଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ ବ୍ୟବଧାନ ଥାଏ, ଜେଜେବାପାଙ୍କ ବୟସ ବ୍ୟବଧାନ ୪୦ ବର୍ଷରୁ କମ୍ ଥାଏ, ଗୋଟିଏ ପରିବାରରେ ପାଞ୍ଚରୁ ଅଧିକ ଭାଇଭଉଣୀ ଥାଆନ୍ତି କିମ୍ବା ଭାଇଭଉଣୀଙ୍କ ମଧ୍ୟରେ ବୟସ ବ୍ୟବଧାନ ୯ ମାସରୁ କମ୍ ଥାଏ, ତେବେ ସଫ୍ଟୱେର୍ ସେମାନଙ୍କୁ ସନ୍ଦିଗ୍ଧ ତାଲିକାଭୁକ୍ତ କରିଦେଉଛି । ରାଜ୍ୟ ଅନୁସାରେ ଏହି ନିୟମଗୁଡ଼ିକ ମଧ୍ୟ ଭିନ୍ନ ଭିନ୍ନ ରହିଛି ଏବଂ ଏହାର କୌଣସି ସ୍ୱାଧୀନ ଅଡିଟ୍ କରାଯାଇନାହିଁ । ଏହାଦ୍ୱାରା ବହୁ ବୈଧ ଭୋଟର ନିଜର ମତାଧିକାର ହରାଇବାର ଆଶଙ୍କା ଦେଖାଦେଇଛି ।

ଏହି ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଲାଗିରହିଛି । ନିର୍ବାଚନ ଆୟୋଗ ଆନୁଷ୍ଠାନିକ ଭାବେ କୌଣସି ସ୍ତରରେ ଏଆଇର ବ୍ୟବହାରକୁ ଖଣ୍ଡନ କରୁଥିବା ବେଳେ, ସେମାନଙ୍କର ନିଜସ୍ୱ ପ୍ରକାଶନ ଏବଂ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ବୟାନ ଏହାକୁ ଭୁଲ୍ ପ୍ରମାଣିତ କରୁଛି । ନ୍ୟାସନାଲ୍ ଇନଫର୍ମାଟିକ୍ସ ସେଣ୍ଟରର ଏକ ନ୍ୟୁଜଲେଟର ଏବଂ ପଶ୍ଚିମବଙ୍ଗର ଅଧିକାରୀମାନେ ଫେସିଆଲ୍ ରେକଗନିସନ୍ ଏବଂ ଏଆଇ ସାଧନର ବ୍ୟବହାର ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ଅସ୍ୱଚ୍ଛ ଆଲଗୋରିଦମ୍ କେବଳ ସାଧାରଣ ଲୋକଙ୍କୁ ନୁହେଁ, ବରଂ ଦେଶର ବଡ଼ ବଡ଼ ନେତାମାନଙ୍କୁ ମଧ୍ୟ ଛାଡିନାହିଁ । ରିପୋର୍ଟ ଅନୁଯାୟୀ, ଲାଲକୃଷ୍ଣ ଆଡଭାନୀ, ଜଗଦୀପ ଧନଖଡ଼, ଏସ. ଜୟଶଙ୍କର ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ ଏହି ସଫ୍ଟୱେର୍ ଅନମ୍ୟାପ୍ଡ ବା ସନ୍ଦିଗ୍ଧ ଭାବରେ ଚିହ୍ନଟ କରିଥିଲା । ଏପରିକି ଖୋଦ୍ ନିର୍ବାଚନ କମିଶନର ଏସ.ଏସ. ସାନ୍ଧୁଙ୍କ ନିକଟକୁ ମଧ୍ୟ ଏହି ତ୍ରୁଟିପୂର୍ଣ୍ଣ ସିଷ୍ଟମ୍ ନୋଟିସ୍ ପଠାଇଦେଇଥିଲା । ଅବଶ୍ୟ, ଏହି ଭିଆଇପିମାନଙ୍କ କ୍ଷେତ୍ରରେ ଅଧିକାରୀମାନେ ତୁରନ୍ତ କ୍ଷେତ୍ର ଯାଞ୍ଚ କରି ସେମାନଙ୍କ ନାମ ସୁରକ୍ଷିତ କରିଦେଲେ । କିନ୍ତୁ ପ୍ରଶ୍ନ ଉଠୁଛି, ଦିଲ୍ଲୀର ୯୭ ଲକ୍ଷ ଭୋଟରଙ୍କ ମଧ୍ୟରୁ ଯେଉଁ ୩୩.୧୩ ଲକ୍ଷ ଲୋକଙ୍କୁ ସନ୍ଦିଗ୍ଧ ଭାବେ ଚିହ୍ନଟ କରାଯାଇଛି, ସେମାନଙ୍କ ପାଇଁ କଣ ଏହି ସମାନ କ୍ଷେତ୍ର ଯାଞ୍ଚ ସୁବିଧା ଉପଲବ୍ଧ ହେବ ନା ସେମାନଙ୍କୁ କେବଳ ଏକ ଯନ୍ତ୍ରଚାଳିତ ନୋଟିସ୍ ଧରାଇ ଦିଆଯାଇ ସେମାନଙ୍କର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରାଯିବ । ଏହା ସମ୍ବିଧାନର ଧାରା ୧୪ ର ସମାନତା ଅଧିକାରର ସିଧାସଳଖ ଉଲ୍ଲଂଘନ ଅଟେ ।

ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଯେ ଏହି ଅସ୍ୱଚ୍ଛ ବ୍ୟବସ୍ଥା ବିରୋଧରେ କେବଳ ବାହାରୁ ନୁହେଁ, ବରଂ ନିର୍ବାଚନ ଆୟୋଗଙ୍କ ଭିତରୁ ମଧ୍ୟ ସ୍ୱର ଉତ୍ତୋଳନ ହୋଇଛି । ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଏହି ବିନା ଅନୁମୋଦନରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ବିରୋଧରେ ଅତି କମରେ ୧୪ ଥର ଲିଖିତ ଆପତ୍ତି ଜଣାଇଥିଲେ । ଭୋଟର ତାଲିକା ଡାଟାବେସ୍‌ର କ୍ରମାଗତ କେନ୍ଦ୍ରୀକରଣ ଏବଂ ଏଥିରେ ପରିବର୍ତ୍ତନ କରିବାର କ୍ଷମତା କାହା ପାଖରେ ଅଛି, ସେ ନେଇ ଏକ ଅଡିଟ୍ ପାଇଁ ଶ୍ରୀ ଯୋଶୀ ଦାବି କରିଥିଲେ। ଏହାବ୍ୟତୀତ, କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ବୁଥ୍ ଲେଭେଲ୍ ଅଫିସର ମାନଙ୍କୁ କୌଣସି ସ୍ପଷ୍ଟ ଲିଖିତ ନିର୍ଦ୍ଦେଶନାମା ପରିବର୍ତ୍ତେ ହ୍ୱାଟ୍ସଆପ୍ ମାଧ୍ୟମରେ ଅନୌପଚାରିକ ନିର୍ଦ୍ଦେଶ ଦିଆଯାଉଥିବା କଥା ମଧ୍ୟ ସାମ୍ନାକୁ ଆସିଛି । ଗୋଆରେ ଇଆରଓ ମାନେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶୁଣାଣି କରି ୯୭ ଜଣ ସନ୍ଦିଗ୍ଧ ଭୋଟରଙ୍କୁ ଯୋଗ୍ୟ ବିବେଚିତ କରିଥିଲେ, କିନ୍ତୁ ସଫ୍ଟୱେର୍ ଏହି ନିଷ୍ପତ୍ତିକୁ ଗ୍ରହଣ କରିପାରିନଥିଲା, ଫଳରେ ସେହି ୯୭ ଜଣଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଯାଇଥିଲା। ନ୍ୟାୟାଳୟ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଛନ୍ତି । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏକ ଶୁଣାଣି ସମୟରେ ବିଚାରପତିମାନେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଲୋକମାନଙ୍କୁ ଯାନ୍ତ୍ରିକ ଭାବରେ ନୋଟିସ୍ ପଠାଯାଉଛି । ନ୍ୟାୟାଳୟ ନିର୍ବାଚନ ଆୟୋଗଙ୍କୁ ଯୌକ୍ତିକ ଅସଙ୍ଗତିର ସଠିକ୍ ସଂଜ୍ଞା ନିରୂପଣ କରିବାକୁ ଏବଂ ଲୋକମାନଙ୍କୁ ଶାରୀରିକ ଉପସ୍ଥିତି ବଦଳରେ ହ୍ୱାଟ୍ସଆପ୍ କିମ୍ବା ଇମେଲ୍ ମାଧ୍ୟମରେ ଉତ୍ତର ରଖିବାକୁ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନିକ ଆଇନ ଅନୁଯାୟୀ, କୌଣସି କାରଣ ଦର୍ଶାଅ ନୋଟିସ୍‌ରେ ସ୍ପଷ୍ଟ ଭିତ୍ତିଭୂମି ଏବଂ ତଥ୍ୟ ରହିବା ଆବଶ୍ୟକ, ଯାହାଦ୍ୱାରା ନାଗରିକମାନେ ଏହାର ଉପଯୁକ୍ତ ଉତ୍ତର ଦେଇପାରିବେ । କିନ୍ତୁ ଏକ ଆଲଗୋରିଦମ୍ ଦ୍ୱାରା ପ୍ରସ୍ତୁତ ନୋଟିସ୍‌ରେ ଏହି ସବୁ ଆଇନଗତ ଆବଶ୍ୟକତାକୁ ଜଳାଞ୍ଜଳି ଦିଆଯାଉଛି ।

ପରିଶେଷରେ ଏହା କୁହାଯାଇପାରେ ଯେ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ ଏବଂ ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ହେବା ଉଚିତ୍, ନାଗରିକମାନଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିବା ପାଇଁ ନୁହେଁ । ଭାରତ ପରି ଏକ ବିବିଧତାପୂର୍ଣ୍ଣ ଦେଶରେ ଯେଉଁଠାରେ ନାମ, ବୟସ ଏବଂ ଠିକଣା ଲିପିବଦ୍ଧ କରିବାରେ ମାନବୀୟ ତ୍ରୁଟି ଏକ ସାଧାରଣ ଘଟଣା, ସେଠାରେ କେବଳ ଏକ ଅସ୍ୱଚ୍ଛ ସଫ୍ଟୱେର୍ ଉପରେ ନିର୍ଭର କରି କୋଟି କୋଟି ଲୋକଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବା ଅତ୍ୟନ୍ତ ବିପଜ୍ଜନକ । ନିର୍ବାଚନ ଆୟୋଗ ତୁରନ୍ତ ଏହି ସଫ୍ଟୱେରର କାର୍ଯ୍ୟପ୍ରଣାଳୀକୁ ସାର୍ବଜନୀନ କରିବା ସହ ଏହାର ଏକ ସ୍ୱାଧୀନ ବୈଷୟିକ ଅଡିଟ୍ କରାଇବା ଆବଶ୍ୟକ । ଯେଉଁ ଲକ୍ଷ ଲକ୍ଷ ଭୋଟରଙ୍କୁ ତ୍ରୁଟିପୂର୍ଣ୍ଣ ଭାବରେ ସନ୍ଦିଗ୍ଧ ତାଲିକାଭୁକ୍ତ କରାଯାଇଛି, ସେମାନଙ୍କୁ ନିଜର ପକ୍ଷ ରଖିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଏବଂ ସହଜ ମାଧ୍ୟମ ଯୋଗାଇଦେବା ଉଚିତ୍ । ଏକ ସୁସ୍ଥ ଗଣତନ୍ତ୍ରରେ ନିର୍ବାଚନ ଆୟୋଗଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରହିବା ନିହାତି ଜରୁରୀ । ଯଦି ନିର୍ବାଚନ ପରିଚାଳନା କରୁଥିବା ମୁଖ୍ୟ ସଂସ୍ଥାର କାର୍ଯ୍ୟଶୈଳୀ ଏକ ଅଦୃଶ୍ୟ ସଫ୍ଟୱେର୍ ହାତରେ ବନ୍ଧା ପଡିଯାଏ ଏବଂ ସ୍ୱଚ୍ଛତାର ଘୋର ଅଭାବ ଦେଖାଦିଏ, ତେବେ ତାହା ଭାରତୀୟ ଗଣତନ୍ତ୍ର ପାଇଁ ଏକ ଅଶୁଭ ସଙ୍କେତ ବୋଲି ବିବେଚନା କରାଯିବ । ତେଣୁ ସମୟ ଥାଉ ଥାଉ ଏହି ଡିଜିଟାଲ୍ ଅବ୍ୟବସ୍ଥାର ସମାଧାନ କରିବା ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅପରିହାର୍ଯ୍ୟ ଅଟେ ।

ଧ୍ୱନି ପ୍ରତିଧ୍ୱନି

# କୃତ୍ରିମ ବୁଦ୍ଧିମତା ଏକ ବରଦାନ କି ?



## ହରେକୃଷ୍ଣ ରଥ

ବୁଦ୍ଧିମତା ହେଉଛି ଏକ ମାନସିକ କ୍ଷମତା, ଯାହା ମଣିଷକୁ ଅଭିଜ୍ଞତାରୁ ଶିଖିବା, ନୂତନ ପରିସ୍ଥିତି ସହିତ ଖାପ ଖୁଆଇବା, ଜଟିଳ ଧାରଣାକୁ ବୁଝିବା ଏବଂ ନିଜ ପରିବେଶକୁ ନିଜ ଆବଶ୍ୟକତା ଅନୁଯାୟୀ ଗଢ଼ି ନେବାର କ୍ଷମତା ଦେଇଥାଏ।

୧୯୮୪ ମସିହାରେ "ଟର୍ମିନେଟର" ନାମକ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା। ସେତେବେଳେ ଏହା ବହୁତ ଲୋକପ୍ରିୟ ହୋଇଥିଲା। ସେହି ଚଳଚ୍ଚିତ୍ରରେ ଦେଖାଯାଇଥିଲା ଯେ ୨୦୨୯ ମସିହାରେ "ସ୍କାଇନେଟ୍" ନାମକ ଏକ କୃତ୍ରିମ ବୁଦ୍ଧିମତ୍ତା ପ୍ରଣାଳୀ ପୃଥିବୀର ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେଇ ମଣିଷ ଓ ଯନ୍ତ୍ର ମଧ୍ୟରେ ଯୁଦ୍ଧ ଆରମ୍ଭ କରିଦେଇଥିଲା। ୧୯୮୪ ମସିହାର ଦର୍ଶକଙ୍କ ପାଇଁ ଏହା ଶୁଦ୍ଧ କଳ୍ପନା ବୋଲି ଲାଗିଥାଇପାରେ। କିନ୍ତୁ ୨୦୨୬ରେ ଠିଆହୋଇ ଦେଖିଲେ ଏହା ଆଉ ସମ୍ପୂର୍ଣ୍ଣ ଅସମ୍ଭବ ମନେ ହୁଏନାହିଁ। ସମ୍ଭବତଃ ୨୦୨୯ରେ ନୁହେଁ, କିନ୍ତୁ ଆଉ ଏକ କିମ୍ବା ଦୁଇ ଦଶକ ପରେ ଏପରି ପରିସ୍ଥିତି ସୃଷ୍ଟି ହେବାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

ଆଜି ଆମେ କୃତ୍ରିମ ବୁଦ୍ଧିମତ୍ତାର ପ୍ରାରମ୍ଭିକ ପଦକ୍ଷେପ ଏବଂ ଏହା ଦ୍ୱାରା ସୃଷ୍ଟି ହେଉଥିବା ପରିବର୍ତ୍ତନକୁ ନିଜ ଚକ୍ଷୁରେ ଦେଖୁଛୁ। ଏହାର ସମର୍ଥକମାନେ ଏହାକୁ ମାନବ ସଭ୍ୟତା ପାଇଁ ଏକ ସ୍ୱର୍ଗୀୟ ଭବିଷ୍ୟତର ଦ୍ୱାର ବୋଲି କହୁଥିବା ବେଳେ, ବିରୋଧୀମାନେ ଏହାକୁ "ଟର୍ମିନେଟର"ର ସ୍କାଇନେଟ୍ ପରି ମାନବଜାତି ପାଇଁ ବିପଦର ସଙ୍କେତ ବୋଲି ଦେଖୁଛନ୍ତି। ତେବେ ଆସନ୍ତୁ, "ଏଆଇ" ବା କୃତ୍ରିମ ବୁଦ୍ଧିମତ୍ତା ବିଷୟରେ ଅଳ୍ପ କିଛି ବୁଝିବା।

ବ୍ରିଟାନିକା ଅନୁଯାୟୀ, ମାନବ ବୁଦ୍ଧିମତା ହେଉଛି ସେହି ମାନସିକ କ୍ଷମତା, ଯାହା ମଣିଷକୁ ଅଭିଜ୍ଞତାରୁ ଶିଖିବା, ନୂତନ ପରିସ୍ଥିତି ସହିତ ଖାପ ଖୁଆଇବା ଏବଂ ପରିବେଶକୁ ନିଜ ସୁବିଧାନୁଯାୟୀ ବ୍ୟବହାର କରିବାର ସାମର୍ଥ୍ୟ ଦେଇଥାଏ। ଆମେ ଆମର ଅଭିଜ୍ଞତାରୁ ଶିଖୁ। ପରବର୍ତ୍ତୀ ସମୟରେ ସମାନ ପରିସ୍ଥିତିର ସମ୍ମୁଖୀନ ହେଲେ, ଆମେ ସେହି ଅଭିଜ୍ଞତା ଓ ବୁଦ୍ଧିକୁ ବ୍ୟବହାର କରି ନିଷ୍ପତ୍ତି ନେଉ। ଏହି କ୍ଷମତା ହିଁ ମଣିଷକୁ ଅନ୍ୟ ପ୍ରାଣୀଠାରୁ ଭିନ୍ନ କରେ।

ପ୍ରକୃତିକୁ ନିଜ ଆବଶ୍ୟକତା ଅନୁଯାୟୀ ବଦଳାଇବାର କ୍ଷମତା ଦ୍ୱାରା ମଣିଷ ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀରେ ପରିଣତ ହୋଇଛି। ଏହି ଯାତ୍ରାରେ ଯନ୍ତ୍ରମାନଙ୍କର ଭୂମିକା ଅସୀମ। ପଥରର ସରଳ ହତିଆରରୁ ଆରମ୍ଭ କରି ଆଜିର ସୁପର କମ୍ପ୍ୟୁଟର ପର୍ଯ୍ୟନ୍ତ ମଣିଷ ଦୀର୍ଘ ପଥ ଅତିକ୍ରମ କରିଛି। ତଥାପି ଶେଷ ପର୍ଯ୍ୟନ୍ତ ଏହି ଯନ୍ତ୍ରମାନେ ମଣିଷ ହାତରେ କେବଳ ଉପକରଣ ମାତ୍ର। ସେମାନେ ମଣିଷର ନିର୍ଦ୍ଦେଶ ଅନୁଯାୟୀ କାମ କରନ୍ତି। ପ୍ରାଚୀନ ମଣିଷର ହାତରେ ଥିବା ଧାରୁଆ ପଥର ଶିକାର କରିବା କିମ୍ବା କାଟିବାର ଉପକରଣ ଥିଲା। କିନ୍ତୁ ତାହାକୁ ଫିଙ୍ଗିଦେଲେ ସେହି ପଥର ଖଣ୍ଡର କୌଣସି ମୂଲ୍ୟ ରହୁନଥିଲା। ସେହିପରି ଏକ ଉପଗ୍ରହ ଭୂମି କେନ୍ଦ୍ର ସହିତ ସଂଯୋଗ ରହିଲେ ବହୁ କାର୍ଯ୍ୟ କରିପାରେ, କିନ୍ତୁ ସଂଯୋଗ ବିଚ୍ଛିନ୍ନ ହେଲେ ସେହିଟା ମହାକାଶରେ ଏକ ନିର୍ଜୀବ ବସ୍ତୁରେ ପରିଣତ ହୁଏ।

ଜୀବନକୁ ଆହୁରି ସହଜ କରିବାର ନିରନ୍ତର ପ୍ରୟାସ ମଣିଷକୁ ଏକ ନୂଆ ଚିନ୍ତାଧାରା ଦିଗରେ ନେଇଗଲା—ଯଦି ମେସିନକୁ ନିଜେ ଚଳାଇବାକୁ ନ ପଡ଼େ ? ଯଦି ଯନ୍ତ୍ର ନିଜେ ଚିନ୍ତା କରି କାମ କରିପାରେ ? ଏହି ଧାରଣା ହିଁ କୃତ୍ରିମ ବୁଦ୍ଧିମତ୍ତାର ଜନ୍ମ ଦେଲା।

ଯଦିଓ ଏହି ଧାରଣା ୧୯୬୦ ଦଶକରୁ ଆରମ୍ଭ ହୋଇଥିଲା, ତଥାପି ସେତେବେଳେ ଆବଶ୍ୟକ ତକନିକ ଓ ଗଣନା କ୍ଷମତାର ଅଭାବରୁ ଏହା ବହୁତ ଆଗକୁ ବଢ଼ିପାରିନଥିଲା। ୧୯୮୦ ଦଶକର ଶେଷଭାଗ ଏବଂ ୧୯୯୦ ଦଶକର ଆରମ୍ଭରେ କମ୍ପ୍ୟୁଟର ତକନିକର ଉନ୍ନତି ସହ ଏହା ପୁଣି ଗତି ପାଇଲା। "ଏଆଇ ଉଇଣ୍ଟର" ବୋଲି କୁହାଯାଉଥିବା ସ୍ଥବିରତାରୁ ବାହାରି ଆସି ଏହା ସମଗ୍ର ବିଶ୍ୱର ଧ୍ୟାନ ଆକର୍ଷଣ କଲା, ଯେତେବେଳେ IBMe "ଡିପ୍ ବ୍ଲୁ" ଚେସ୍ ଖେଳରେ ଗ୍ୟାରି କାସ୍ପାରୋଭଙ୍କୁ ପରାସ୍ତ କଲା।

ତା'ପରେ Sonye AIBO ନାମକ ରୋବଟ୍ କୁକୁର, Roomba ନାମକ ସ୍ୱୟଂଚାଳିତ ଭ୍ୟାକ୍ୟୁମ୍ କ୍ଲିନର ଭଳି ଉଦ୍ଭାବନ ଆସିଲା। ଆଜି ଆମ ମୋବାଇଲରେ Siri କିମ୍ବା Alexa ଅଛନ୍ତି, ଯେଉଁମାନେ ଟିକେଟ ବୁକ୍ କରିବାଠାରୁ ଆରମ୍ଭ କରି ରାସ୍ତା ଦେଖାଇବା ପର୍ଯ୍ୟନ୍ତ ବହୁ କାମ କରୁଛନ୍ତି।

ସମ୍ପ୍ରତି ChatGPT, Copilot, Gemini ପରି Generative AI ଉପକରଣମାନେ ମଣିଷର ଦୈନିକ ଜୀବନର ଅଂଶ ହୋଇପାରିଛନ୍ତି। ଛାତ୍ରଛାତ୍ରୀମାନେ ପ୍ରବନ୍ଧ ଲେଖିବା ପାଇଁ ଏହାର ସାହାଯ୍ୟ ନେଉଛନ୍ତି, କେହି କାର୍ଯ୍ୟାଳୟର ପାୱାରପଏଣ୍ଟ ଉପସ୍ଥାପନା ପାଇଁ, ତ ଆଉ କେହି ଏକାକୀପଣ ଦୂର କରିବା ପାଇଁ ଏହା ସହ କଥା ହେଉଛନ୍ତି। ଆଜି ଆମେ ଚାରିପଟେ ଯେଉଁ ତକନିକ ଦେଖୁଛୁ, ସେଗୁଡ଼ିକର ବଡ଼ ଅଂଶ କୃତ୍ରିମ ବୁଦ୍ଧିମତ୍ତାର ଅଧୀନରେ ଆସୁଛି।

ତେବେ ଗଣନା କ୍ଷମତା ବ୍ୟତୀତ ଆଉ କେଉଁ କାରଣଗୁଡ଼ିକ ଏହାର ବିକାଶକୁ ତ୍ୱରାନ୍ୱିତ କରିଛି ?

ଏଥିରେ ସବୁଠାରୁ ବଡ଼ ଅବଦାନ ହେଉଛି "ବିଗ୍ ଡାଟା" ବା ବିପୁଳ ତଥ୍ୟର ଉପଲବ୍ଧତା। ଆଜି ମଣିଷ ଓ ଯନ୍ତ୍ର ଅପୂର୍ବ ଭାବରେ ଇଣ୍ଟରନେଟ୍ ମାଧ୍ୟମରେ ସଂଯୁକ୍ତ। ସ୍ମାର୍ଟ ଘଡ଼ି ଠାରୁ ଆରମ୍ଭ କରି ଅନଲାଇନ୍ କ୍ରୟବିକ୍ରୟ ପର୍ଯ୍ୟନ୍ତ ସବୁଠାରୁ ବିପୁଳ ତଥ୍ୟ ସୃଷ୍ଟି ହେଉଛି। ଲୋକେ କ'ଣ ଖୋଜୁଛନ୍ତି, କ'ଣ କିଣୁଛନ୍ତି, କ'ଣ ଦେଖୁଛନ୍ତି—ଏସବୁ ତଥ୍ୟ ଇଓ ପାଇଁ ଶିକ୍ଷା ସାମଗ୍ରୀରେ ପରିଣତ ହେଉଛି।

ପୂର୍ବରୁ ଗବେଷକମାନେ ଏକ ଛୋଟ ନମୁନା ଆଧାରରେ ଅଧ୍ୟୟନ କରୁଥିଲେ। କିନ୍ତୁ ଆଜି Internet of Things ବା IOT ଦୁନିଆରେ କୋଟି କୋଟି ଯନ୍ତ୍ର ନିରନ୍ତର ତଥ୍ୟ ସୃଷ୍ଟି କରୁଛି। ଏହି ତଥ୍ୟ ଏଆଇକୁ ନିରନ୍ତର ଶିଖିବା ଓ ନିଜକୁ ଉନ୍ନତ କରିବାର ସୁଯୋଗ ଦେଉଛି।

ଇଣ୍ଟରନେଟ୍ ଓ କ୍ଲାଉଡ୍ କମ୍ପ୍ୟୁଟିଂର ବିକାଶ ମଧ୍ୟ AIର ଅଗ୍ରଗତିକୁ ବହୁ ଗୁଣ ବଢ଼ାଇଦେଇଛି। ପୂର୍ବରୁ ବଡ଼ କମ୍ପ୍ୟୁଟିଂ ସୁବିଧା କେବଳ ବଡ଼ କମ୍ପାନୀ କିମ୍ବା ସରକାରଙ୍କ ପାଖରେ ଥିଲା। ଆଜି ଗୋଟିଏ ସାଧାରଣ ଛାତ୍ର ମଧ୍ୟ ଲାପଟପ୍ ଓ ଇଣ୍ଟରନେଟ୍ ସହାୟତାରେ ସେହି ସମାନ ତକନିକ ବ୍ୟବହାର କରିପାରୁଛି। ପ୍ରଯୁକ୍ତିର ଏହି ଗଣତାନ୍ତ୍ରିକରଣ AIକୁ ଘରେ ଘରେ ପହଞ୍ଚାଇଦେଇଛି।

ମେସିନ୍ ଲର୍ଣ୍ଣିଂର ଉନ୍ନତି ମଧ୍ୟ AIର ବିକାଶର ଏକ ମୁଖ୍ୟ କାରଣ। ପୂର୍ବରୁ କମ୍ପ୍ୟୁଟର କେବଳ ପୂର୍ବ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଅନୁଯାୟୀ କାମ କରୁଥିଲା। କିନ୍ତୁ Machine Learning ଆସିବା ପରେ ଯନ୍ତ୍ର ତଥ୍ୟ ଓ ଅଭିଜ୍ଞତାରୁ ନିଜେ ଶିଖିବା ଆରମ୍ଭ କଲା। ଏହା AIକୁ ଏକ ନୂଆ ଦିଗ ଦେଇଲା।

ସ୍ମାର୍ଟଫୋନ୍ ଓ ସୋସିଆଲ ମିଡିଆର ବିକାଶ ମଧ୍ୟ AIକୁ ଶକ୍ତିଶାଳୀ କରିଛି। ଆମେ କ'ଣ ଦେଖୁଛୁ, କ'ଣ ପସନ୍ଦ କରୁଛୁ, କ'ଣ ଖୋଜୁଛୁ—ସବୁ AI ପାଇଁ ତଥ୍ୟରେ ପରିଣତ ହେଉଛି। ଏହି କାରଣରୁ ଆମେ ଅନଲାଇନରେ କିଛି ଖୋଜିଲେ ତାହା ସମ୍ପର୍କିତ ବିଜ୍ଞାପନ ଆମ ସମ୍ମୁଖରେ ପୁନଃପୁନି ଆସୁଥାଏ।

ଓପେନ୍ ସୋର୍ସ ବା ମୁକ୍ତ ତକନିକ ମଧ୍ୟ AIର ବିକାଶକୁ ତ୍ୱରାନ୍ୱିତ କରିଛି। ଆଜି ଅନେକ AI ଉପକରଣ ଓ ଗବେଷଣାପତ୍ର ମାଗଣାରେ ଉପଲବ୍ଧ। ଏହା ଦ୍ୱାରା ସମଗ୍ର ପୃଥିବୀର ଗବେଷକ ଓ ପ୍ରୋଗ୍ରାମରମାନେ ଏକାଠି କାମ କରିପାରୁଛନ୍ତି।

କର୍ପୋରେଟ୍ ପ୍ରତିଯୋଗିତା ଓ ବିଶାଳ ନିବେଶ ମଧ୍ୟ AIର ଦୌଡ଼କୁ ଆହୁରି ତ୍ୱରାନ୍ୱିତ କରିଛି। ଆଜି ବଡ଼ ବଡ଼ ପ୍ରଯୁକ୍ତି କମ୍ପାନୀମାନେ AIରେ କୋଟି କୋଟି ଡଲାର ନିବେଶ କରୁଛନ୍ତି। ସେମାନେ ଜାଣନ୍ତି ଯେ ଆଗାମୀ ଅର୍ଥନୀତିର ଭବିଷ୍ୟତ AI ଉପରେ ନିର୍ଭର କରିବ।

COVID-19 ମହାମାରୀ ମଧ୍ୟ AIର ବ୍ୟବହାରକୁ ବଢ଼ାଇଦେଲା। ଲକଡାଉନ୍ ସମୟରେ ଶିକ୍ଷା, କାର୍ଯ୍ୟ, କ୍ରୟବିକ୍ରୟ ଓ ଯୋଗାଯୋଗ ପାଇଁ ଲୋକମାନେ ଡିଜିଟାଲ୍ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ। ସେଥିରେ AI ଭିତ୍ତିକ ବହୁ ଉପକରଣର ବ୍ୟବହାର ବଢ଼ିଲା।

ବିଜ୍ଞାନ କଳ୍ପକାହାଣୀ ଓ ଚଳଚ୍ଚିତ୍ରମାନେ ମଧ୍ୟ ଲୋକମାନଙ୍କ କଳ୍ପନାକୁ ପ୍ରଭାବିତ କରିଛି। "ଟର୍ମିନେଟର", "ଦ ମ୍ୟାଟ୍ରିକ୍ସ", "ଏକ୍ସ ମାକିନା" ପରି ଚଳଚ୍ଚିତ୍ରମାନେ ବୁଦ୍ଧିମାନ ଯନ୍ତ୍ରର ଧାରଣାକୁ ସାଧାରଣ ଲୋକଙ୍କ ମନରେ ଗାଢ଼ କରିଦେଇଛି।

ତଥାପି AI ଶେଷ ପର୍ଯ୍ୟନ୍ତ ମଣିଷ ସୃଷ୍ଟ ଏକ ଉପକରଣ ମାତ୍ର। ଏହା ତଥ୍ୟ ବିଶ୍ଳେଷଣ କରିପାରେ, ଚିତ୍ର ଆଙ୍କିପାରେ, କବିତା ଲେଖିପାରେ, କିନ୍ତୁ ଏହାର ନିଜସ୍ୱ ଭାବନା, କରୁଣା କିମ୍ବା ନୈତିକତା ନାହିଁ। ମଣିଷର ଅନୁଭୂତି, ସଂସ୍କୃତି ଓ ଜୀବନ ଅଭିଜ୍ଞତା ତାକୁ ଏବେ ମଧ୍ୟ ଅଦ୍ୱିତୀୟ କରିରଖିଛି।

ତେଣୁ AIର ଭବିଷ୍ୟତ କେବଳ ପ୍ରଯୁକ୍ତିର ଉନ୍ନତି ଉପରେ ନୁହେଁ, ବରଂ ମଣିଷ ଏହାକୁ କେତେ ଦାୟିତ୍ୱବୋଧ ସହ ବ୍ୟବହାର କରୁଛି ତାହା ଉପରେ ନିର୍ଭର କରିବ। ନିଆଁ ଯେପରି ଖାଦ୍ୟ ରାନ୍ଧିପାରେ, ସେହିପରି ଜଙ୍ଗଲକୁ ମଧ୍ୟ ଭସ୍ମ କରିପାରେ। AI ମଧ୍ୟ ମାନବ ସଭ୍ୟତା ପାଇଁ ଏକ ବରଦାନ ହୋଇପାରେ, ପୁଣି ଅଭିଶାପ ମଧ୍ୟ ହୋଇପାରେ।

ଗୋଟିଏ ପଟେ AI ଜଣେ ବୃତ୍ତିଜୀବୀଙ୍କୁ କିଛି ମିନିଟ୍‌ରେ ଉପସ୍ଥାପନା ପ୍ରସ୍ତୁତ କରିବାରେ ସହାୟତା କରୁଛି, ଅନ୍ୟ ପଟେ ଏହା ଯୁଦ୍ଧ କ୍ଷେତ୍ରକୁ ମଧ୍ୟ ପୁନଃପରିଭାଷିତ କରୁଛି। ଆଧୁନିକ ଯୁଦ୍ଧରେ AI ଭିତ୍ତିକ ବ୍ୟବସ୍ଥା ଉପଗ୍ରହ, ରାଡାର ଓ ନିରୀକ୍ଷଣ ବ୍ୟବସ୍ଥାରୁ ଆସୁଥିବା ବିପୁଳ ତଥ୍ୟକୁ କିଛି ମିନିଟ୍‌ରେ ବିଶ୍ଳେଷଣ କରି ଲକ୍ଷ୍ୟ ଚିହ୍ନଟ କରୁଛି।

ଆଗାମୀ ଦଶକ ଆମକୁ କହିଦେବ—ମଣିଷ ନିଜ ପାଇଁ ଜଣେ ମସିହା ସୃଷ୍ଟି କରିଛି, ନାକି "ସ୍କାଇନେଟ୍" କିମ୍ବା "ଭସ୍ମାସୁର"ର ଜନ୍ମ ଦେଇଛି।

+Business Analyst
& AI Enthusiast
ମୋ:୯୮୬୧୧୫୬୮୪୫

# ହୃଦୟର ପରୀକ୍ଷା



## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

କଥାରେ ଅଛି ହୃଦୟ ଥିଲେ ସବୁ ଆଉ ଏହା ବିନା ସବୁ ହିଁ ଅସାର। ସତ କହିବାକୁ ଗଲେ ଥରେ ଏ ହୃଦୟ ବିଗିଡିଗଲେ ବା କ୍ଲାନ୍ତ ହୋଇ ପଡ଼ିଲେ, ଛଟପଟ ହୋଇଗଲେ ଜୀବନ ନିହାତି ଯନ୍ତ୍ରଣାଦାୟକ ଓ ମର୍ମନ୍ତୁଦ ହୋଇପଡ଼େ। ସମସ୍ତେ ନିଜ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ହୃଦୟ ବିଷୟରେ ଜାଣିବା ସହ ଏହାକୁ ଭଲ ଭାବେ ବୁଝି ବର୍ତ୍ତମାନର ସମୟରେ ଏହାର ସୁସ୍ଥତା ପାଇଁ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୃଦୟ ଦିବସ। ଜଣଙ୍କର ହୃଦୟ ବିଗିଡିଯାଉ ବା କୌଣସି ଆଘାତ ପ୍ରାପ୍ତ ହେଉ ଏହାର ବିଭିନ୍ନ ପରୀକ୍ଷା ସବୁ ରହିଛି। ପ୍ରଥମଟି ହେଉଛି ଇସିଜି ବା ଇକେଜି ଯାହାର ଟେକ୍ନିକାଲ ଅର୍ଥ ହେଉଛି ଇଲେକ୍‌ଟ୍ରୋ କାର୍ଡ଼ିଓଗ୍ରାମ୍। ଯାହାକୁ ୧୯୦୩ରେ ଡଚ୍ ଡାକ୍ତର ୱିଲିଏମ୍ ଇନ୍‌ଥୋଭେନ୍ ସର୍ବପ୍ରଥମେ ଆବିଷ୍କାର କରିଥିଲେ। ଯାହାପାଇଁ ସବୁଠାରୁ ସମ୍ମାନଜନକ ନୋବେଲ ପୁରସ୍କାର ୧୯୨୪ରେ ସେ ପାଇଥିଲେ। ଏହି ପରୀକ୍ଷାଟି ହେଉଛି କମ୍ ଖର୍ଚ୍ଚରେ ଏବଂ କୌଣସି ଯନ୍ତ୍ରଣା ବିନା ସମ୍ଭବ ହୋଇଥାଏ। ଯନ୍ତ୍ରଣା ପାଉଥିବା ହୃଦ୍‌ରୋଗୀର ହାତ, ପାଦ ଓ ଛାତିରେ ଇଲେକ୍ଟ୍ରୋଡ୍ ପ୍ୟାଚ୍ ଲଗାଇ ରୋଗୀଟିର ହୃଦୟର ଇଲେକ୍ଟ୍ରିକ୍ ଆକ୍ଟିଭିଟି ମପାଯାଇଥାଏ। ଏହାଦ୍ୱାରା ଜଣଙ୍କର ହୃତ୍‌ପିଣ୍ଡର ସ୍ୱଭାବିକ ପ୍ରକ୍ରିୟ ସ୍ପନ୍ଦନ ଓ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼େ। ସେହିପରି ଆଉ ଗୋଟିଏ ପରୀକ୍ଷା ହେଉଛି ଚେଷ୍ଟ୍ ଏକ୍ସ-ରେ। ଏଥିରେ ରୋଗୀ ଜଣଙ୍କର ଛାତି ହାଡ଼ର ଫଟୋ ଓ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍‌ର ପରୀକ୍ଷା ହୋଇଥାଏ। ସେହିପରି ଆଉ ଏକ ପରୀକ୍ଷାଟି ରହିଛି ଯାହା ହେଉଛି ଷ୍ଟ୍ରେସ୍ ଟେଷ୍ଟ। ଏହି ପରୀକ୍ଷାରୁ ଆପଣଙ୍କ ହୃଦୟ କେତେ ଚାପ ସମ୍ଭାଳି ପାରିବ ତାହାର ପରୀକ୍ଷା କରାଯାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇକୋ କାର୍ଡିଓଗ୍ରାମ। ଯେଉଁଥିରେ ହୃତ୍‌ପିଣ୍ଡର ମାଂସପେଷୀ, ହୃଦ୍‌ରୋଗର ସମ୍ଭାବ୍ୟ ବିପଦ ଆଉ ଭଲ୍‌ବ ସ୍ଥିତି ଏହିଥିରୁ ଜଣାପଡ଼େ।

କାର୍ଡ଼ିଆକ୍ କେଥେଟରାଇଜେସନ୍ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ ମଧ୍ୟ କୋରୋନାରୀ ଏନ୍‌ଜିଓଗ୍ରାମ ମଧ୍ୟ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଫିଜିଓଲୋଜି ଟେଷ୍ଟ। ଯାହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ୍ ପାଥୱେ ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନର ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଯେଉଁଥିରେ ଇନ୍‌ଟ୍ରାଭେନସ୍ ଡାଇର ବ୍ୟବହାର ଦ୍ୱାରା କିମ୍ବା ରକ୍ତ ସଞ୍ଚାଳନ ଓ ହୃଦୟର ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆର୍‌ଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗର ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ତାହା ହେଉଛି ଏହି ଏମ୍‌ଆର୍‌ଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପରିପାର୍ଶ୍ୱିକ ପ୍ରଭାବ ରହିନଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର୍ ଓ ଆଞ୍ଜିଓପ୍ଲାଷ୍ଟ। ଜଣେ ଜଣେ ହୃଦ୍‌ରୋଗୀଙ୍କ ସେମାନଙ୍କ ହୃଦୟର ସ୍ପନ୍ଦନର ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ଏହି ପରୀକ୍ଷାଟି ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଯାହାକି ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ ଯୋଗାଏ। ଯାହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡ଼ିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟ କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟି ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍‌ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ। ସେହିପରି ଆଉ ଏକ ଅଛି ସାଧାରଣରେ ବୁଝାଯାଉଥିବା କୋଲେଷ୍ଟେରୋଲ୍। ଏଥିରେ କେବଳ ହୃଦ୍‌ରୋଗୀ ନୁହେଁ ଯେ କୌଣସି ଲୋକଙ୍କର ହୃଦୟର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟେରୋଲ୍‌ର ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟେରୋଲ୍ କୋରୋନାରୀ ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକର ଗୁରୁତ୍ୱପୂର୍ଣ୍ଣ ଓ ବହୁତ ବଡ଼ କାରଣ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟେରୋଲ୍ ପରୀକ୍ଷା କରିବା ଜରୁରୀ। ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମ ମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନ ଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗ ଠାରୁ ଦୂରେଇ ପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମୀ, ମଧୁମେହ ବା ଡାଇବେଟିସ୍, ରକ୍ତଚାପ ବା ହାଇପର ଟେନସନ୍। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝି ସମର୍ଥ ହେଲେ ଆପଣ ହୃଦ୍‌ରୋଗକୁ ବାଏ ବାଏ କରିପାରିବେ।

+ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ: ୯୪୩୭୨୭୭୮୬୪

କବିତା କୋଣାର୍କ

## ଅମାନିଆ ରାତି ହସେ



### ପ୍ରଶାନ୍ତ କୁମାର ଦାଶ

ତୁ ମନେ ପଡ଼ିଲେ ପଠାରେ
ମୁଁ ଖୋଜେ
ଅତୀତର ସ୍ମୃତି ଚିହ୍ନ
ତୋଲାଗି ସଜନୀ
କଟେନାହିଁ ସୁଖେ
ସଞ୍ଜ ଓ ସକାଳ ଦିନ ।।
ରାତି ଜୋଛନାରେ ତୋର ହସ ହସ
ମୁହିଁ ମୋ ଆଖିରେ ଦିଶେ
ଭାବୁ ଭାବୁ ବସି ତୋକଥା ସଜନୀ
ଅମାନିଆ ରାତି ହସେ ।।
ତୋର ତନୁମନ ପୀରତି ପରଶ
ଚିରିଦିଏ ମୋର ଛାତି
ଶୁଭେ ତୋ ପାଦର ପାଉଁଜିର ସୁର
ରଚୁଥାଏ ରାସ ରାତି ।।
ତୁତ ପ୍ରିୟତମା ବିଶାଳ ଆକାଶ
ମୁଁ ଭସା ମେଘର ଛାୟା
ମତେ ପର କରି ଡାକୁ ହାତଠାରି
ରଚି ମିଳନର ମାୟା ।।
ଦୁଃଖଭରା ମୋର ଲୁହର ତଟିନୀ
ମାନେ ନାହିଁ ଥଳ କୂଳ
ମନ ଆଇନାରେ ଦେଖି ତୋର ରୂପ
ବିତିଯାଏ ସବୁବେଳେ ।।
ପଥ ପରେ ପଥ ଚାଲୁଚି ସରୁନି
ମୋଠାରୁ ବହୁତ ଦୂର
ହେଲେ ମୁଁ ପାରୁନି ଦେଖି ତୋର ହସ
ପାରୁନି ଶୁଣିତୋ ସୁର ।।
ମନପକ୍ଷୀ ପାଏ ପଞ୍ଜୁରି ଭିତରେ
ବିଚ୍ଛେଦ ନିଆଁର ପୀଡା
ତନୁମନ ତଳୁ ମଳିନ ପଡଇ
ବୟସର କୃଷ୍ଣଚୂଡ଼ା ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦

## ପିତୃପକ୍ଷ

### ନୀଳମଣି ଚାନ୍ଦ



ଆଶ୍ୱିନର କୃଷ୍ଣପକ୍ଷ ପ୍ରତିପଦ
ଠାରୁ ଅମାବାସ୍ୟା ଯାଏ
ପିତୃପକ୍ଷ, ଶ୍ରାଦ୍ଧପକ୍ଷ ଭାବରେ ସେ
ପାଳିତ ତ ହୋଇଥାଏ।
ପିତୃଗଣଙ୍କୁରେ ମନେ ପକେଇବା
ପାଇଁ ଏ ଠିକଣା ବେଳ
ଶ୍ରଦ୍ଧାଞ୍ଜଳି ଅରପଣ କରାଯାଏ
ତୀର୍ଥସ୍ଥାନେ ହୋଇ ମେଳ।
ତୁଷ୍ଟି କରିବାକୁ ପିତୃପୁରୁଷଙ୍କୁ
କରାଯାଏ ପୂଜାର୍ଚ୍ଚନା
ବରଷକେ ଥରେ ସ୍ମରଣ କରିବା
ପାଇଁ ଏ ସମୟ ସିନା ।
ବିଶ୍ୱାସ କରାଯାଏ ଏବେଳରେ
ପିତୃପୁରୁଷ ଗଣ
ମୃତ୍ୟୁଲୋକ ଛାଡ଼ି କରିଥାଆନ୍ତି ସେ
ଧରାକୁରେ ଆଗମନ।
ତର୍ପଣ, ଜଳଦାନ, ଶ୍ରାଦ୍ଧ ଆଉ
ପିଣ୍ଡଦାନ କରାଯାଏ
ବ୍ରାହ୍ମଣମାନଙ୍କୁ ଭୋଜନ ଦେଇରେ
ସନ୍ତୁଷ୍ଟ କେ ହୋଇଥାଏ ।
ହିନ୍ଦୁଧର୍ମର ଏ ପବିତ୍ର ପକ୍ଷରେ
ଭକ୍ତିଭାବ ଯାଏ ଭରି
ଆଇ କହୁଥିଲେ ତା ମାହାତ୍ମ୍ୟ କଥା
ପିଲାଙ୍କୁରେ ପାଖେ ଧରି ।

+ ମନ୍ତ୍ରମାନୋର
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଅଶିଣ ଗୀତ
### ଡ. ଦୀପକ କୁମାର ମିଶ୍ର



ଅଶିଣ ଆକାଶ ଭାବ ଆବରଣେ
ଆର୍ଦ୍ର ଅନୁରାଗ ବୁଣେ
କାଶତଣ୍ଡୀ ହସେ ଗାଁ ଗୋହିରିରେ
ଭୂଆସୁଣୀ ଦିନ ଗଣେ।

ପ୍ରେମର ନକ୍ସାରେ ନବ ଉନ୍ମୋଚନ
ଝରା ଦେହେ ପ୍ରୀତି ଝୁମେ
ପ୍ରଜାପତି ଡେଣା ରଙ୍ଗ ପସରାରେ
ନୂଆଚିତ୍ର ରଚେ ଧାମେ।

ଲାଜୁଆ ଡଙ୍କରେ ପୋକ ବିନ୍ଧିଦିଏ
ରଙ୍ଗ ରଞ୍ଜା ଅଲାଜୁକ
ଅଶିଣ ପାଣିରେ ଦେହ ଭିଜିଗଲେ
ବୋଲ ମାନେ ନାହିଁ ଭୋକ।

ସବୁଜ ବନାନୀ ଉଛନ ମଗନ
ମୋହେ ମୃଦୁ ସମୀରଣ
ମାନ୍ଦା ଶୀତଟିଏ ସକାଳ ପ୍ରହରେ
ଖଜବଜ କରେ ପ୍ରାଣ।

ପବିତ୍ର ପାର୍ବଣେ ପେଁକାଳି ଫୁଙ୍କି
କଡ଼ ଲେଉଟାଏ ଋତୁ
ପ୍ରିୟମଣିଷଟି ଯେବେ ବିଦେଶରେ
ପ୍ରେମବୃକ୍ଷେ ଫୁଟେ ଛତୁ ।

+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ସ୍ନାନ କରେ ସ୍ମୃତିର ଗଙ୍ଗାରେ
### ଗୋଲୋକ ବିହାରୀ ବେହେରା



କେତେ ପାଣି ଇଡିଯାଏ
ଗାଆଁ ଗୋହିରୀରେ
କେତେ ପତ୍ର ଝଡ଼ି ଯାଏ
ଶାଖାରୁ ଶୀତରେ ।
ଫୁଲ ଫୁଟି ମଉଳିଲେ
ଫଗୁଣ ବନରେ
ଗ୍ରୀଷ୍ମରେ ତ ହେଉନାହିଁ
ତାତି ମୋ ଦେହରେ ।

ନଦୀ କୂଳେ ବାଲିଘର
ତିଆରି ପାଦରେ
ଗୋଠ ଫେରା ଗାଇଆଳ
ବଇଁଶୀ ସ୍ୱନରେ ।
ସୋରିଷର ସୁନାଫୁଲ
ଶୀତୁଆ ସଂଜରେ
ସ୍ୱପ୍ନ ସବୁ ମିଛ ହୁଏ
ବିରହୀ ଆଖିରେ ।

ଅଣାୟତ୍ତ ଇଚ୍ଛା ସବୁ
ଗୁପ୍ତ ଫରୁଆରେ
ପାଦ ଚିହ୍ନ ରହିଯାଏ
ହୃଦ ଅଗଣାରେ ।
ତୁମେ ଥାଅ ତାରା ହୋଇ
ଦୂର ରାଇଜରେ
ନିତିଦିନ ସ୍ନାନ କରେ
ସ୍ମୃତିର ଗଙ୍ଗାରେ ।

+ ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

## ପ୍ରକୃତ ବନ୍ଧୁ
### ସଦାଶିବ ବିଶ୍ୱାଳ



ପ୍ରକୃତ ବନ୍ଧୁ ସିଏ ଯିଏ
ସଦା ସାଥିରେ ରହେ
କିବା ଦୁଃଖ କିବା ସୁଖ
ଫରକ ନ ଥାଏ

ସବୁ ସାମାଜିକ ଉତ୍ସବ
ତା ପାଇଁ ଏକାପରି
ହେଉ ସେ ବିବାହ ମଣ୍ଡପ ବା
ସମସାନ, ରାଜା ବା ଭିକାରି

ପ୍ରତ୍ୟେକ କ୍ଷେତ୍ରରେ ସାଥେ ଥାଏ
ଅହର୍ନିସୀ ଛାଇଟିଏପରି

ହାତ ମିଶାଏ କଷ୍ଟ ପାଇଟିରେ
ସାଥୀଦିଏ ଭେଟିଲେ ଅଇରୀ

ମନୋଭାବ ରଖେ
ଠିକ ଶ୍ରୀକୃଷ୍ଣଙ୍କ ପରି
ପାଛୋଟି ଆଣେ ସସ୍ନେହରେ
ବନ୍ଧୁତା ରଖେ ସୁଦାମାର ଦାରିଦ୍ର୍ୟ ଦୂର କରି

+ମୋହନଦାସ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

## ଚରଣେ ପଡୁଛି ପ୍ରଭୁ ତୁମରି
### ମମତା ବଗର୍ତ୍ତୀ



ଯାହା କିଛି ପାଇଛି ହେ ପ୍ରଭୁ
ସବୁ ତୁମରି ଆଶୀର୍ବାଦ,
ଏଇ ଜୀବନ ଧନ ଜନ ମାନ
ସବୁକିଛି ପାଇଁ ଧନ୍ୟବାଦ ।

ତୁମ ପାଇଁ ପ୍ରଭୁ ଜନମ ପାଇଛୁ
ହସୁଛୁ ଖେଳୁଛୁ ଆଜି,
କରୁଅଛୁ ଉପଭୋଗ ଏ ସୃଷ୍ଟିକୁ
ତୁମ ଆଶୀର୍ବାଦେ ଭିଜି ।

ଚିର କୃତଜ୍ଞ ରହିବି ହେ ପ୍ରଭୁ
ତୁମରି ଶ୍ରୀ ଚରଣେ,
ହୃଦୟ ଭରା ଭକତି ଭାବରେ
ପଶିବି ତୁମ ଶରଣେ ।

ହେ ପ୍ରଭୁ ସବୁ ତୁମରି କୃପା
ସବୁ ତୁମରି ହି ଲୀଳା,
ଚରଣେ ତୁମ ପଡୁଛି ହେ ପ୍ରଭୁ
ମନକୁ ରଖ ମୋ ନିଷ୍ଛଳା ।

+ ବଲାଙ୍ଗୀର

## ଗାଁ କନିଆ ସିଙ୍ଘାଣି ନାକି
### ମନୋଜ କୁମାର ମେହେର



ଗାଆଁର କନିଆ ସୁନ୍ଦରୀ ହେଲେ ବି
ସିଙ୍ଘାଣି ନାକୀଟି ସିଏ,
ଯେତେ ଗୁଣ ଜ୍ଞାନ ଅରଜି ଥିଲେ ବି
ନିନ୍ଦିତ ସେ ହୋଇଥାଏ ।
ଦୂର ପରବତ ଦିଶଇ ସୁନ୍ଦର
କିଣିନିଏ ମନ ଆମ,
ପାଶ ପରବତ ସୁନ୍ଦର ହେଲେ ବି
ଲାଗଇ ଭାରି ବିଷମ ।
ଗାଆଁର ପଣ୍ଡିତ ସମ୍ପନ୍ନ ବ୍ୟକ୍ତିତ୍ୱ
ପାଏ ନି କେବେ ସମ୍ମାନ,
ଯେତେ ଦୂରେ ସେତେ ସମ୍ମାନ ମିଳଇ
ପାଶେ ପରା ହୀନିମାନ ।
ଦୂରର ବନ୍ଧୁଟି ଲାଗେ ଆପଣାର
ସବୁବେଳେ ଥାଏ ଭାବ,
ପାଖର ବନ୍ଧୁଟି ହୁଏ ଅନାଦର
ଥିଲେ ବି ଭଲ ସ୍ୱଭାବ ।
ନିଜ ଘରରନ୍ଧା ହୁଏ ନି ପସନ୍ଦ
ଲାଗଇ ଅଲଣା ଭାରି,
ବାହାରିଆ ଖାଦ୍ୟ ବେଶୀ ସୁଆଦିଆ
ସତେ ମିଠା ଖିରି ପୁରି ।
ଗୁଣ ଜ୍ଞାନ ଚିହ୍ନି ଦିଅନ୍ତୁ ସମ୍ମାନ
ହେଉ ଦୂର ଅବା ପାଶ,
ସମାଜେ ସୁଖ୍ୟାତି ପାଇବେ ସେମାନେ
ଉଡିବ ତାଙ୍କର ଯଶ ।

+ବାଣ୍ଡିବାସୁଲ, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ଆଣ୍ଟ
### ଅଳକା ରାୟ



ଆଣ୍ଟ ଦେଖାଇ ଅଯଥା
ମିଳିବ ନାହିଁ କିଛି ସୁଫଳ
ବୋଧ ହୋଇଗଲାଣି ଉଭୟଙ୍କର
ତଥାପି ଟାଣପଣ......
ଶାନ୍ତିକାମୀ ବୈଶିକ ସଂଗଠନରେ
ପରୋକ୍ଷ ଆଲୋଚନାକୁ
ସକାରାତ୍ମକ ମନୋଭାବ ପୋଷଣ
କରିବାର କିଛିକ୍ଷଣ ମଧ୍ୟରେ
ଜଣଙ୍କ ହୁଂକାର ମାରୁଛି ଧ୍ୱଂସ କରିଦେବି ତ
ଆଉ ଜଣଙ୍କ ବାଢୁଛି ସର୍ତ୍ତ ।
ଆଣ୍ଟ ସୂଚାଉଛି
କେହି ବି ପଛକୁ ହଟିବାକୁ ନାରାଜ
ସଂକଟରେ ମାନବ ସମାଜ!!!

ଦିନେ ପାଳିପୋଷି ବଡ କରିଥିଲା ଯାହାକୁ
ଆତ୍ମଘାତି ସାଜି ଉଡାଇ ଦେଇଥିଲା
ପେଣ୍ଟାଗନକୁ
ଏବେ ମଧ୍ୟପ୍ରାଚ୍ୟ ସମିକରଣ
ବଦଳୁଛି ନିଇତି
ନିକଟତର ହେଉଛନ୍ତି
ସାଉଦିଆରବ ପାକିସ୍ତାନ ସହ ତୁର୍କୀ
କବଚ ସାଜିବାକୁ
ବନ୍ଧୁରାଷ୍ଟ୍ର ହେତୁ।

ଆଣ୍ଟ କବଳରେ ବିଶ୍ୱର
ଆଉ ଦୁଇଟି ରାଷ୍ଟ୍ର ମୁଖ୍ୟ
ବଦଳାଇ ଦେଉଛନ୍ତି ପ୍ରତିଦିନ
ଯୁଦ୍ଧ ଆଭିମୁଖ୍ୟ
ଆଠ ଦିନରେ ଅକ୍ତିଆର କରିବା ଲକ୍ଷ
ମିଳାଇ ଯାଇଛି ପାଣି ଫୋଟକା ସଦୃଶ
ଦୀର୍ଘ ଚାରି ବର୍ଷରେ
ମଝି ନଈରେ ଯୁଦ୍ଧ ତରୀ
କେତେବେଳେ ଟିକେ ଏପଟ ତ
କେତେବେଳେ ଟିକେ ସେପଟ
ଯାଉଛି ଚହଲି
ତଥାପି ଟାଣପଣ
ଜଣେ ଆର୍ଥିକ ମେରୁଦଣ୍ଡ
ଦୋହଲାଇ ଦେଉଛି ତ
ଆଉଜଣକ ବେଆଇନ
ସଂସଦୀୟ ନିର୍ବାଚନରେ ଲିପ୍ତ
ମୂଲ୍ୟହିନ ଆଣ୍ଟ
ବାହାରି ପାରୁନାହିଁ କିଛି
ସମାଧାନର ବାଟ!!
ସଂକଟରେ ମାନବ ସମାଜ!!!

+ ୭୯୭୮୩୩୨୦୬୧

## ସେ ସୁଖ ଯାଇଛି ଡେଇଁ
### ନଗେନ୍ଦ୍ର ନାଥ ପଟ୍ଟନାୟକ



ଆଜିର ଖୁସିକୁ ପଛକରି ତୁମେ
ଗୋଡାଉଛ ଧନ ପଛେ
ସମ୍ପଦର ସହ ଯୋଡ଼ିହେବା ପାଇଁ
ମନ ତୁମ ଖାଲି ନାଚେ ।

ଯାଉଅଛ ଭୁଲି ଆପଣାପଣଙ୍କୁ
ଲୋଭର ବଶରେ ଆସି
ଆତ୍ମୀୟ ସ୍ୱଜନ ପରିଜନଠାରୁ
ଯାଉଥାଛ ବେଗି ଖସି ।

କିଣିବା ପାଇଁକି ଆସନ୍ତାକାଲିର
ସୁଖ ଆଉ ଖୁସି କେତେ
ବିବଶ ହେଉଚି ଆଜିର ମୁହୂର୍ତ୍ତ
ନାହିଁ ଚାରା ତା'ର ମୋଟେ।
ଏ ଭବ ସଂସାରୁ ଗଲାବେଳେ ତୁମେ
ସାଙ୍ଗରେ ଯିବେନି କେହି
ଧନ ଦଉଲତ ମହଲ ସମ୍ମାନ
ସବୁ ଏଠି ଥିବ ରହି ।

ପାଇଅଛ ଯେତେ ପାଉଅଛ ଯାହା
ସେସବୁ ନିଜର ନୁହେଁ
ପ୍ରାଣପକ୍ଷୀ ତୁମ ଉଡ଼ିଯିବା କ୍ଷଣି
ସବୁ ଛାଡ଼ିବାକୁ ହୁଏ ।

ଆଜିର ଜୀବନ ସଙ୍ଘର୍ଷ କରୁଛି
ଅନିଶ୍ଚିତ କାଲିପାଇଁ
ଯେଉଁ ସୁଖ ପଛେ ଧାଉଁଅଛ ତୁମେ
ସେ ସୁଖ ଯାଇଛି ଡେଇଁ ।

+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

## ମୁଁ ନାରୀ
### ସରୋଜିନୀ ସେନାପତି

ରାଶି ରାଶି ବାଲୁକାର ବିସ୍ତୀର୍ଣ୍ଣ ବକ୍ଷରେ
ସାଗରର ମଥା ପିଟା କ୍ରନ୍ଦନ।
ଅନନ୍ତ ଆକାଶର ନୀଳିମା ମଞ୍ଚରେ
ଆଶ୍ୱାସନାର ଖଣ୍ଡେ ଭସା ବାଦଲ।
ହୃଦୟର ଆବିଳତା ଅବଳାର
ଦେଖେ କିଏ ଶୁଣେ କିଏ
ଆର୍ତ୍ତ ଚିତ୍କାର ଚିତ୍ତ ତାର
ସେଇଠି ଗୁଞ୍ଜରି ମରିଯାଏ।
ନିମିଷକେ ଅପଲକ ନୟନର
ଅକୁହା ପରିଭାଷା ତାର
ବହିଯାଏ ଗଣ୍ଡତଟ ଦେଶେ
ବିଲପି ଦୁଇ ଧାର।
ତଥାପି ଅବୁଝା ହୋଇ ପଡ଼େ
ଏ ଯୁଗର ଅହଲ୍ୟାଟି
ଆପେ ଆପେ ପାଷାଣି ପାଲଟେ
ପ୍ରତୀକ୍ଷାର ଦୀପଟିଏ ଜାଳି ।
ଆଜିବି ପୁରୁଷ ଜଳାଏ ଅଗ୍ନିର ଝାସରେ
ସତୀତ୍ୱର ଦ୍ୱାହି ଦେଇ
ଉପେକ୍ଷିତା ନାୟିକାର ଜୀବନରେ
ଈଶ୍ୱରର ସ୍ଥାନ ଦାବି କରି।

## ଦୁର୍ଗା ମା
### ଶୁଭଶ୍ରୀ ଜେନା



ଆଶ୍ୱିନର ଆଗମନେ
ଧରା ଖେଳେ ଧଳାଫୁଲେ,
ପାର୍ବଣର ତାଳେ ତାଳେ
ଗଜବାହାନରେ
ବିରାଜିଛ ତୁମେ,
ମାଗୋ ଏହି ଧରାଧାମେ। ।

ସର୍ବ ଦେବାଦେବୀ ଶକ୍ତିରୁ ଜାତ,
ଧରାଧାମେ ମା ତୁ ଶକ୍ତିର ପ୍ରତୀକ।
ପାପକୁ ତୁ ନାଶି, ପାପୀକୁ ଉଦ୍ଧାରି,
ଦୁର୍ଗତିନାଶିନୀ ବୋଲାଉ।
ଧରାରୁ ନିପାତି ମହିଷାସୁରକୁ,
ଧର୍ମର ଗାଥା ଗାଇଲୁ। ।

ରକ୍ତମୁଖା ତୁ ଅଗ୍ନିସ୍ୱରୂପା,
ବିଶ୍ୱରୂପା ତୁ ଶକ୍ତିସ୍ୱରୂପା।
ତୋ ରଙ୍ଗରାସରେ,
ତୋ ମୁକୁଳା କେଶରେ,
ଆଖିରେ ଅନଳ ଦେଖି
ପ୍ରକମ୍ପିତ ସାରା ଭୁବନ ଆଜି।

କଳିକାଳେ ଦୁର୍ଗାମାଧବ ବୋଲାଇ,
ବସିଛୁ ନୀଳକନ୍ଦରେ ଯାଇ।
ସର୍ବଜୟ ତୁହି ଜଗତମାତା,
ନାଶିବାକୁ ତୁହି ନରରାକ୍ଷସ,
ଭିନ୍ନ ଭିନ୍ନ ରୂପେ ଏ ମର୍ତ୍ତ୍ୟମଣ୍ଡଳେ
ହେଉ ତୁହି ଆବିର୍ଭାବ।

ବେଶ୍ୟାଳୟର ମାଟି ଟିକକରେ
ଗଢ଼ା ହୁଏ ତୋର ସ୍ୱରୂପ,
ମାଟି ଘଟେ ପୁଣି ଜୀବନ୍ୟାସ ପାଇ
ଦେଖାଉ ତୋ ବିଶ୍ୱରୂପ।

+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

## ଶରତ ଶୋଭା
### ଜଗଦୀଶ ସାହୁ



ଶରତ ଆସିଛି ମରତକୁ ବୁଲି
ବହେ ସୁଲୁସୁଲୁ ବାଆ
ସୁନାଖରା ଖାଇ ଧାନକ୍ଷେତ ହସେ
ଖୁସି ହୁଏ ମାଟିମାଆ।

ଆକାଶ ବୁକୁରେ ଖଣ୍ଡ ଖଣ୍ଡ ଧଳା-
ମେଘ ନାଚିବାର ଶୋଭା
ନଈପଠା ଧାରେ କାଶତଣ୍ଡି ଫୁଲ
ଆହାଃ କେଡେ ମନଲୋଭା।

ମହମହ ହୋଇ ଚଉଦିଗ ବାସେ
ଜାତିଜାତି ଫୁଲ ଫୁଟି
ଫୁଲ ଦେହୁ ରସ ମହୁମାଛି ଆସି
ଗେଲ କରି ନିଏ ଲୁଟି ।

କାଚକେନ୍ଦୁ ପରି ନିରିମଳ ଦିଶେ
ପୋଖରୀ ଗାଡ଼ିଆ ଜଳ
ସାରୁ ପତରରେ ପାହାନ୍ତି କାକର
ହେଉଥାଏ ଢଳଢଳ।

ମୁକୁତା ପରାଏ ଦିଶେ ଦାଉ ଦାଉ
ସୂରୁଜ କିରଣ ପଡି
ଜଗତ ଜନନୀ ଧରାକୁ ଆସିବେ
ସିଂହ ବାହନରେ ଚଢି ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ମୋ ଫରକରେ ତୁମେ
### ତାରାପ୍ରସାଦ ଜେନା



ମୋ ଶାନ୍ତିର କଥାକୁ
ତୁମେ ଅସୁନ୍ଦର ବାଦ,
ମୋ ଆଲୁଅ ଘରକୁ
ତୁମେ ବନ୍ଦଘର ମୁଦ ।
ମୋ ଜୀବନ ଝଡ଼କୁ
ତୁମେ କାଳରାତ୍ର ନିଦ,
ମୋ କବିତା ଭାବକୁ
ତୁମେ ଛିନ୍ନଛତ୍ର ପଦ ।
ମୋ ଫୈସଲା ଭଲକୁ
ତୁମେ ଫିସାଦିଆ ରଦ,
ମୋ ଅସଲି ସୁନାକୁ
ତୁମେ ନକଲିଆ ଖାଦ ।
ମୋ ଅଦିନ ନିଶାକୁ
ତୁମେ ନିଶାଖୋରୀ ମଦ,
ମୋ ସାମାନ୍ୟ ଖାଦ୍ୟକୁ
ତୁମେ ଅହଙ୍କାରୀ ସ୍ୱାଦ।
ମୋ କୋମଳ ହୃଦକୁ
ତୁମେ ନିଦାରୁଣ ହୃଦ,
ମୋ ସଚଳ ପାଦକୁ
ତୁମେ ଅକାରଣ ପାଦ ।
ମୋ ଓଁକାର ବେଦକୁ
ତୁମେ ଅଶୁଦ୍ଧର ଖେଦ,
ମୋର ସୁତାଳ ନାଦକୁ
ତୁମେ ବେତାଳର ନାଦ ।
ମୋ ଦୁଃଖର ରୋଦକୁ
ତୁମେ ପରିହାସ ରୋଦ
ମୋ ସୁଖର ମୋଦକୁ
ତୁମେ ଈର୍ଷାବଶ ମୋଦ ।
ମୋ ଶ୍ରମର ସ୍ୱେଦକୁ
ତୁମେ ନିଷ୍କର୍ମାର ସ୍ୱେଦ,
ମୋ ଗରଳ ଗଦକୁ
ତୁମେ ସ୍ୱାର୍ଥପର ମଂଦ ।
ମୋ ଅହିଂସା ବୁଦ୍ଧିକୁ
ତୁମେ ହିଂସାଖୋରୀ ଛେଦ,
ମୋ ପତଳା ଅଙ୍ଗକୁ
ତୁମେ ଅଙ୍ଗଭାରି ମେଦ ।
ମୋ ସମାନ ବାଟକୁ
ତୁମେ ଅସନାର କାଦ,
ମୋ ଶ୍ରାବଣ ହାଟକୁ
ତୁମେ ବେଦନାର ଚାଂଦ ।

ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

## ଅତିରୁ ଇତି...
### ରାମଚନ୍ଦ୍ର ବେହେରା



ଅତି ଗର୍ବ କରି ପାପୀ ଦଶାନନ
ସ୍ୱର୍ଣ୍ଣ ଲଂକା କଲା ଧ୍ୱଂସ
ଅତି ଦାନ କରି ମହାରାଜା ବଳି
ପାତାଳରେ ହେଲା ଶେଷ
ଅତିରୁ ହୁଅଇ ଇତି
ଅଣାୟତ୍ତ କର୍ମ ଆଦରିଲେ ପ୍ରାଣେ
ଘୋଟି ଆସେ କାଳରାତି।

ଅତି ଲୋଭ କଲେ କିଛି ନମିଳିବ
ଯାହା ଥିବ ଯିବ ଚାଲି
ଅତି ଅଳସରେ ଦାନା ନମିଳିବ
ମାଗୁଥିବ ବୁଲି ବୁଲି
ନୀତି ନିୟମକୁ ମାନି
ଜୀବନ ପଥରେ ହେଲେ ଅଗ୍ରସର
ନହୋଇବ କେବେ ହାନୀ।

ଶୋଇ ଖାଉଥିଲେ ନଦୀ ବାଲି ସରେ
ଆମରି ପୁସ୍ତକ କୁହେ
ଅତି ଅହଂକାର ସମ୍ପର୍କ ତୋଡଇ
ପରାଣେ ବିଷାଦ ଶୋହେ
ଅତି ଭକ୍ତି ଯିଏ କରେ
ଚୋରର ଲକ୍ଷଣ ତା'ହୃଦୟେ ଥାଏ
ଜିତୁ ଜିତୁ ସିଏ ହାରେ।

ଅତି ଜାଡ ହେଲେ ବରଫ ଜମଇ
ନମିଳେ ପାନୀୟ ଜଳ
ଅତି ବର୍ଷା ହେଲେ ବନ୍ୟା ମାଡି ଆସେ
ମିଳେ ନାହିଁ ଥଳକୂଳ
ନକର ବୃଥା ବହସ
ଗୀତା ଭାଗବତ ନୀତିକୁ ଆଦର
ମିଳିବ ତୃପ୍ତି ଅଶେଷ।

ଅତି ଲେମ୍ବୁ ଯେବେ ଚିପୁଡିବ ଭାଇ
ସୁଆଦ ହୋଇବ ପିତା
ଅତି ଆପଣାର ଲୋକ ଧୋକାଦିଏ
ତୋଡେ ସମ୍ପର୍କର ସୂତା
ଅତି ନଭାବିବା ଭଲ
ଭାବି ଭାବି ଦେହ ହୋଇଯାଏ କ୍ଷୟ
ପ୍ରାଣ ହୁଏ କଲବଲ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବିଶ୍ୱ ପର୍ଯ୍ୟଟନ ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ

ଭୁବନେଶ୍ୱର,୨୮/୦୯ (ନି.ପ୍ର): ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ। ଏହି ଅବସରରେ ରାଜ୍ୟବାସୀଙ୍କୁ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ।

ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଓଡ଼ିଶାର କାଳଜୟୀ ଐତିହ୍ୟ, ପବିତ୍ର ପରମ୍ପରା, ବିବିଧ ପ୍ରାକୃତିକ ଦୃଶ୍ୟପଟ ଓ ଜୀବନ୍ତ ସଂସ୍କୃତି ପର୍ଯ୍ୟଟକମାନଙ୍କୁ ଅସଂଖ୍ୟ ଅନୁଭୂତିର ସୁଯୋଗ ପ୍ରଦାନ କରେ। ଆସନ୍ତୁ, ଏହି ସମୃଦ୍ଧ ଐତିହ୍ୟର ଉତ୍ସବ ପାଳନ କରିବା ସହ ଏହାର ସଂରକ୍ଷଣ କରିବା ଏବଂ ଓଡ଼ିଶାର ଅନନ୍ୟ ସୌନ୍ଦର୍ଯ୍ୟ ଓ ଆତ୍ମାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା। ଓଡ଼ିଶାକୁ ଆବିଷ୍କାର କରନ୍ତୁ — ଯେଉଁଠି ପ୍ରତ୍ୟେକ ଯାତ୍ରା ଏକ ନୂଆ କାହାଣୀ କହେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଓଡ଼ିଶା ହେଉଛି ଏପରି ଏକ ଭୂମି, ଯେଉଁଠି ପ୍ରତ୍ୟେକ କୋଣ ଅନୁକୋଣରେ ସଂସ୍କୃତି ଜୀବନ୍ତ ହୋଇଉଠେ। ମହାପ୍ରଭୁଙ୍କ କାଳଜୟୀ ପରମ୍ପରା ଓ ଓଡ଼ିଶୀ ନୃତ୍ୟର ମନୋମୁଗ୍ଧକର ଭଙ୍ଗୀଠାରୁ ଆରମ୍ଭ କରି ପଟ୍ଟଚିତ୍ରର ରଙ୍ଗ, ଢେମ୍‌ସା ନୃତ୍ୟର ତାଳ, ଆମର ଜୀବନ୍ତ ପର୍ବପର୍ବାଣୀ ଓ ସମୃଦ୍ଧ ଜନଜାତି ଐତିହ୍ୟ ପର୍ଯ୍ୟନ୍ତ, ଆମର ପରିଚୟ ଏକ ଜୀବନ୍ତ ସାଂସ୍କୃତିକ ପରମ୍ପରାରେ ଗଭୀର ଭାବେ ମୂଳୋତ୍ପାଟିତ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତକୁ ଭାବନ୍ତୁ। ଓଡ଼ିଶାକୁ ଭାବନ୍ତୁ। ଆସନ୍ତୁ, ଏହି ଅସାଧାରଣ ଐତିହ୍ୟ ପାଇଁ ଗର୍ବ ଅନୁଭବ କରିବା, ଆମର ପ୍ରାକୃତିକ ଓ ସାଂସ୍କୃତିକ ସମ୍ପଦର ସଂରକ୍ଷଣ କରିବା ଏବଂ ଓଡ଼ିଶାର ଅନନ୍ୟ ଆତ୍ମାକୁ ବିଶ୍ୱ ଦରବାରରେ ପହଂଚାଇବା। ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ଓଡ଼ିଶାକୁ ଏପରି ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା, ଯାହାକୁ ଆବିଷ୍କାର କରିବା, ଅନୁଭବ କରିବା ଓ ହୃଦୟରେ ସାଇତି ରଖିବା ପାଇଁ ସାରା ବିଶ୍ୱରୁ ପର୍ଯ୍ୟଟକମାନେ ଆସିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆସନ୍ତୁ, ଓଡ଼ିଶାର କାଳଜୟୀ ଆକର୍ଷଣକୁ ଗର୍ବର ସହ ପୁନର୍ବାର ଉଜ୍ଜ୍ୱଳ କରିବା—ଯେଉଁଠି ଐତିହ୍ୟ ସହ ଆତିଥ୍ୟର ମିଳନ ହୁଏ ଏବଂ ସଂସ୍କୃତି ଭବିଷ୍ୟତକୁ ଆଲିଙ୍ଗନ କରେ। ଲିଙ୍ଗରାଜ ମନ୍ଦିରର ପବିତ୍ର ପରିସରଠାରୁ ପୁରୀର ସୁନେଲି ବେଳାଭୂମି ପର୍ଯ୍ୟନ୍ତ, ଜନଜାତି ଅଧ୍ୟୁଷିତ ଅଂଚଳଠାରୁ ପ୍ରକୃତି କୋଳରେ ଥିବା ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ, ଆମ ଓଡ଼ିଶା ବିବିଧତାର ଏକ ଜୀବନ୍ତ ଚିତ୍ରପଟ। ପର୍ଯ୍ୟଟନ କେବଳ ଯାତ୍ରା ନୁହେଁ; ଏହା ସଭ୍ୟତାଗୁଡ଼ିକ ମଧ୍ୟରେ ଭାବ ବିନିମୟ, ପାରସ୍ପରିକ ବୁଝାମଣାର ଏକ ସେତୁ ଏବଂ ମାନବତାର ମିଳିତ ଭାବନାର ଏକ ଉତ୍ସବ। ଓଡ଼ିଶା ଏକ ଏପରି ପର୍ଯ୍ୟଟନସ୍ଥଳୀ ଭାବେ ଗର୍ବର ସହ ଠିଆ ହୋଇଛି, ଯାହା ପ୍ରେରଣା ଦିଏ, ଆତ୍ମୀୟତାର ସହ ସ୍ୱାଗତ କରେ ଏବଂ ନୂତନ ଅନୁଭୂତି ସହ ପରିବର୍ତ୍ତନର ବାର୍ତ୍ତା ବହନ କରେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ଓ କୋଣାର୍କର ଅପୂର୍ବ ସ୍ଥାପତ୍ୟକଳାଠାରୁ ଆରମ୍ଭ କରି ମହିମାମୟ ଦେଓମାଳି, ନିର୍ମଳ ବେଳାଭୂମି, ସବୁଜ ବନାନୀ ଓ ଜୀବନ୍ତ ଜନଜାତି ପରମ୍ପରା ପର୍ଯ୍ୟନ୍ତ, ଓଡ଼ିଶା ଏକ ଅନନ୍ୟ ଅନୁଭୂତି ପ୍ରଦାନ କରେ। ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ ଆସନ୍ତୁ, ଓଡ଼ିଶାକୁ ଆବିଷ୍କାର କରିବା, ଏହାର ଅପରୂପ ସୌନ୍ଦର୍ଯ୍ୟକୁ ଅନୁଭବ କରିବା ଏବଂ ଏହାର ସମୃଦ୍ଧ କାହାଣୀଗୁଡ଼ିକୁ ବିଶ୍ୱ ଦରବାରରେ ପହଂଚାଇବା।

ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମସ୍ତଙ୍କୁ ଉଷ୍ମ ଶୁଭେଚ୍ଛା। ଯାତ୍ରାର ଆନନ୍ଦ, ସାଂସ୍କୃତିକ ଆବିଷ୍କାର ଏବଂ ବିଶ୍ୱ ପର୍ଯ୍ୟଟନର ଉତ୍ସାହପୂର୍ଣ୍ଣ ଭାବନାକୁ ପାଳନ କରିବାର ଏହି ଅବସରରେ ଆସନ୍ତୁ ଏକାଠି ହେବା। ଏହି ବିଶେଷ ଅବସରରେ ଆମେ ଓଡ଼ିଶାର ଗୌରବଗାଥାକୁ ପାଳନ କରିବା—ଏହା ଏପରି ଏକ ଭୂମି, ଯେଉଁଠି ପ୍ରାଚୀନ ଐତିହ୍ୟ, ଅସ୍ପୃଶ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ପରମ୍ପରା ଏକାଠି ହୋଇ ପର୍ଯ୍ୟଟକମାନଙ୍କୁ ଏକ ଅଭୁଲା ଅନୁଭୂତି ପ୍ରଦାନ କରେ।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା! ଆମ ଓଡ଼ିଶାର ଅତୁଳନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଐତିହ୍ୟ ଓ ‘ଅତିଥି ଦେବୋ ଭବ’ର ସଂସ୍କୃତି ସାରା ବିଶ୍ୱରେ ସ୍ୱତନ୍ତ୍ର। ଆସନ୍ତୁ, ସ୍ୱଚ୍ଛ ଓ ସୁରକ୍ଷିତ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ନୂତନ ଉଚ୍ଚତାକୁ ନେଇଯିବା।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଡେବ୍ରିଗଡ଼ରେ ଓଡ଼ିଶାର ଅରଣ୍ୟ ଓ ବନ୍ୟପ୍ରକୃତିକୁ ଜୀବନ୍ତ ହୋଇଉଠୁଥିବାର ଅନୁଭବ କରନ୍ତୁ । ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ ଡେବ୍ରିଗଡ଼ର ସମୃଦ୍ଧ ବନ୍ୟଜୀବ, ମନୋମୁଗ୍ଧକର ପ୍ରାକୃତିକ ଦୃଶ୍ୟପଟ ଏବଂ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଆବିଷ୍କାର କରନ୍ତୁ।

# ରାଧାନାଥ ସାହିତ୍ୟ ପରିଷଦ, ବାଲେଶ୍ୱର ପକ୍ଷରୁ ୧୭୮ତମ ଜୟନ୍ତୀ ପାଳିତ

## କବିବର ଥିଲେ ଐତିହ୍ୟର ରୂପକାର ଓ ଓଡ଼ିଆ ଅସ୍ମିତାର କବି




ବାଲେଶ୍ୱର ,୨୮/୦୯ (ନି.ପ୍ର): କବିବରଙ୍କ ପୂର୍ବ ବାସସ୍ଥଳି ତଥା ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ କବିବରଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଡ.ରମାକାନ୍ତ ନାୟକ ପ୍ରେମ, ବିଶ୍ୱାସ ଚଳିଣିକୁ ନେଇ ଗଣଚେତନାର ପ୍ରଭାବ ରାଧାନାଥଙ୍କ ସାହିତ୍ୟ ସୃଷ୍ଟିରେ ପ୍ରତିଫଳିତ ବୋଲି ବକ୍ତବ୍ୟରେ କହିଥିଲେ । ଜୟନ୍ତୀରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ.ଦେବାଶିଷ ପାତ୍ର ରାଧାନାଥ ଅସ୍ମିତା ଶବ୍ଦର ଅର୍ଥ ଶିଖାଇଥିଲ ଓ ଏହାହିଁ ଓଡ଼ିଆ ଜାତିର ପରିଚୟ । ଐତିହ୍ୟର ରୂପକାର ବୋଲି ଅଭିହିତ କରି ତାଙ୍କ କାବ୍ୟ କବିତାରୁ ବହୁ ଉଦାହରଣ ଦେବା ସହ ଓଡ଼ିଶାରେ ଶିକ୍ଷାର ବିସ୍ତାର ରେ ଆଲୋକପାତ କରିଥିଲେ ।ପରିଷଦର ସଭାପତିତ ତଥା ‘ରେବତୀ’ ପତ୍ରିକା ସଂପଦିକା ସୁବାସିନୀ ଜେନା କବିବରଙ୍କ ସ୍ମୃତିକୁ ବ୍ୟାପକ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସମ୍ମାନିତ ଅତିଥି ତଥା ଅଧ୍ୟକ୍ଷ କବିବରଙ୍କ ଉଦାରତାର ଉଦାହରଣ ଦେବା ସହ ଯୁବପିଢ଼ି ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ସାଂପାଦକ ଅଧାପକ କମଳାକାନ୍ତ ଦାଶ କବିବରଙ୍କ ଏହି ପୂର୍ବ ସହ ଉପରେ ବାସସ୍ଥଳ ସଂଗୀତ ସ୍ଥଳ ଏଠାରେ ତାଙ୍କ ପୂର୍ଣ ଅବୟବ ସ୍ଥାପନ ଓ ରାଜ୍ୟ ସଂସ୍କୃତି ବିଭାଗର ସହାୟତା ଦୁଇଟି ଦାବି ଉପସ୍ଥାପନ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ସହ ଡ଼ କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ । କଲ୍ୟାଣୀ ନନ୍ଦ ଓ ସାଥୀ କବିବରଙ୍କ ସର୍ବେଷାଂ ନୋ ଜନନୀ ଗୀତ ଗାନ କରିଥିଲେ । ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ର ମଂଚ ଆହ୍ୱାନ କରିଥିବା ଥିବାବେଳେ ଯୁଗ୍ମସଂପାଦକ ସଂଜୟ କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ । ମମତା ମହାପାତ୍ର, ଡ.ସୁବାସ ଚନ୍ଦ୍ର ପାତ୍ର, ଅରୁଣା ରାୟ, ନୃସିଂହ ନାୟକ, ମନସ୍ୱିନୀ ଦେବୀ ପ୍ରମୁଖ ବହୁ ବହୁ ସାହିତ୍ୟିକ ଯୋଗ ଦେଇଥିଲେ । କଲେଜର ଡ.ଶରତ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ ରମଶେଚନ୍ଦ୍ର ପ୍ରଧାନ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେବା ସଂକଳ୍ପ ଅଭିଯାନ’ ଅଧୀନରେ ଭବ୍ୟ ମେଗା ସ୍ୱାସ୍ଥ୍ୟ, ରକ୍ତଦାନ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ

ବଲାଙ୍ଗିର,୨୮/୦୯ (ନି.ପ୍ର): ମାନବ ସେବା ହିଁ ମାଧବ ସେବା— ଏହି ନୀତିକୁ ପାଥେୟ କରି ଆଜି ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକର ନଅଗାଁ (କ) ପିଏମ ଶ୍ରୀ ହାଇସ୍କୁଲ ପରିସରରେ ‘ସେବା ସଂକଳ୍ପ ଅଭିଯାନ’ ଅଧୀନରେ ଏକ ଭବ୍ୟ ମେଗା ସ୍ୱାସ୍ଥ୍ୟ, ରକ୍ତଦାନ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ ‘ଡିବିରି’ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।

ଗ୍ରାମୀଣ ଅଂଚଳରେ ସ୍ୱାସ୍ଥ୍ୟସେବାର ବ୍ୟାପକ ପ୍ରସାର ଏବଂ ସମାଜର ଅବହେଳିତ ଓ ଦିବ୍ୟାଙ୍ଗ ବର୍ଗଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା କ୍ଷେତ୍ରରେ ‘ଡିବିରି’ ର ଏହି ନିରନ୍ତର ପ୍ରୟାସ ନିଶ୍ଚିତ ଭାବେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ଏହି ଶିବିରରେ ଏଲୋପାଥି, ଆୟୁର୍ବେଦିକ, ହୋମିଓପାଥି ଏବଂ ଫିଜିଓଥେରାପି ପରି ବିଭିନ୍ନ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ମୋଟ ୨୦୭୩ ଜଣ ଗ୍ରାମବାସୀ ମାଗଣାରେ ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ଲାଭ କରିଛନ୍ତି। ଏଥିସହ ଯୁବବର୍ଗଙ୍କ ଅପୂର୍ବ ଉତ୍ସାହ ଓ ସହଯୋଗ ଯୋଗୁଁ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା, ଯାହା ଆଗାମୀ ଦିନରେ ଅନେକ ଜରୁରୀକାଳୀନ ରୋଗୀଙ୍କ ଜୀବନ ବଂଚାଇବାରେ ଅତ୍ୟନ୍ତ ସହାୟକ ହେବ। ଏହାଛଡ଼ା ବିଭିନ୍ନ ସହଯୋଗୀ ସଂସ୍ଥା ମାଧ୍ୟମରେ ୧୦୩ ଜଣ ଦିବ୍ୟାଙ୍ଗ ଓ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ସହଜ କରିବା ପାଇଁ ଆବଶ୍ୟକୀୟ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା।

# ଜୟପୁରରେ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା: ରାଜ୍ୟସ୍ତର ପାଇଁ ଚୟନ ହେଲେ କ୍ରୀଡ଼ା ପ୍ରତିଭା

ଜୟପୁର ,୨୮/୦୯ (ନି.ପ୍ର): ଜୟପୁରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୨୦୨୬-୨୭ ଶିକ୍ଷାବର୍ଷର ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୭ ଓ ୨୮ ତାରିଖରେ ଆୟୋଜିତ ଏହି କ୍ରୀଡ଼ା ଚୟନ ପ୍ରକ୍ରିୟାରେ ଜିଲ୍ଲାର ୧୪ଟି ବ୍ଲକ୍ରୁ କ୍ରୀଡ଼ା ପ୍ରତିଭାମାନେ ଯୋଗଦେଇ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବେ ।

ଏହି ପ୍ରତିଯୋଗିତାରେ ମୋଟ ୨୧୮ ଜଣ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୮୪ ଜଣ ବାଳକ ଓ ୧୦୫ ଜଣ ବାଳିକା ଥିବାବେଳେ ୨୮ ଜଣ କୋଚ୍ ଓ ମ୍ୟାନେଜର ଏବଂ ୩୦ ଜଣ ଅଫିସିଆଲ୍ ଯୋଗଦେଇ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କରୁଣାକର ଭୂଏ (ଓଇଏସ୍-୧) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଚନ୍ଦନ କୁମାର ନାୟକ, ବିଇଓ, ଜୟପୁର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଦାଶ ଅଧିକାରୀ, ପ୍ରିନ୍ସିପାଲ, ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ, ଜୟପୁର, ପ୍ରଶାନ୍ତ ଖାଲଟ୍ଟୋ, ପ୍ରିନ୍ସିପାଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟିଆ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ଏବଂ ଲଲାଟେନ୍ଦୁ ପୂଜାରୀ, ଡିପିଇଓ, କୋରାପୁଟ ଯୋଗଦେଇଥିଲେ।

ଗଗନ ବିହାରୀ ଦାଶ, ସ୍ପୋର୍ଟସ ସେକ୍ରେଟାରୀ, ଜୟପୁର, ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିନୋଦ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ସ୍ୱାଇଁ , ଦିବାକର ସାହୁ, ମିନତୀ ପତ୍ର, ରଞ୍ଜିତ୍ ପ୍ରଧାନ, ପି.ରାଜେଶ୍ୱରୀ ଏବଂ ଶୁଭେନ୍ଦୁ ପ୍ରଧାନଙ୍କ ସମେତ ଏବଂ ଅନ୍ୟାନ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଦୌଡ଼କୁଦ ଇଭେଣ୍ଟ ପରିଚାଳିତ ହୋଇଥିଲା। ପରିଶେଷରେ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଦେଇ ସଭା ସଙ୍ଗ କରିଥିଲେ।

ଦୁଇଦିନ ଧରି ଚାଲିଥିବା ଏହି ଚୟନ ପ୍ରକ୍ରିୟାରେ ପ୍ରତିଯୋଗୀମାନେ ବିଭିନ୍ନ ଦୌଡ଼କୁଦ ଇଭେଣ୍ଟରେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଚୟନ ପ୍ରକ୍ରିୟା ଶେଷରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନଙ୍କୁ ଆଗାମୀ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଜିଲ୍ଲା ପକ୍ଷରୁ ଅଂଶଗ୍ରହଣ ପାଇଁ ଚୟନ କରାଯାଇଛି। ଏହି ଆୟୋଜନ ମାଧ୍ୟମରେ ଜିଲ୍ଲାର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ରାଜ୍ୟସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ଏକ ଉତ୍ତମ ସୁଯୋଗ ମିଳିଛି।

# ଦାନ୍ତିଆମୁହାଁ ମଣ୍ଡଳରେ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣପର୍ବ

## ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଫୁଲ ଧରିଲେ ୪ସରପଞ୍ଚଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା



ବେତନଟୀ,୨୮/୦୯ (ନି.ପ୍ର): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ମଣ୍ଡଳ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଏବଂ ମିଶ୍ରଣ ପର୍ବରେ ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ୪ଟି ପଞ୍ଚାୟତର ସରପଞ୍ଚଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ବିଭିନ୍ନ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଦାନ୍ତିଆମୁହାଁ ମଣ୍ଡଳ ସଭାପତି ସମୀର ଦେଓଙ୍କ ଅଧକ୍ଷତାରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ତଥା ଓଡିଶା ସରକାରଙ୍କର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ବିଧାୟକ ତଥା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି କାନ୍ଡ୍ରା ସୋରେନ, ଜିଲ୍ଲାସଭାପତି ନିହାର ରଞ୍ଜନ ମୋଦୀ, ଜିଲ୍ଲା କୋଷାଧକ୍ଷ ତଥା ଦକ୍ଷ ସଂଗଠକ ପରେଶଚନ୍ଦ୍ର ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ପ୍ରବୀଣ ପାତ୍ର, ରାଜ୍ୟ କୃଷକମୋର୍ଚ୍ଚା ସମ୍ପାଦକ ଶିରୀଶଚନ୍ଦ୍ର ମହାନ୍ତ, ଜିଲ୍ଲା ଏସଟିମୋର୍ଚ୍ଚା ସଭାପତି ଶୁକୁଲ ମୁର୍ମୁ, ଯୁବମୋର୍ଚ୍ଚା ସଭାପତି ସୂରଜ ଲୋହାର, ମଣ୍ଡଳପ୍ରଭାରୀ କାଳିଚରଣ ନାଏକ, ରାଜ୍ୟ ଓବିସିମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ବେହେରା ପ୍ରମୁଖ ଅତିଥିଗଣ ଯୋଗଦେଇ ପ୍ରାରମ୍ଭରେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଧୂପଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସୁଶାସନର ସଫଳ ପୂର୍ତ୍ତି ଅବସରରେ ଆରମ୍ଭ ହୋଇଥିବା ସେବା ସଂକଳ୍ପ ଅଭିଯାନକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବାକୁ ମଞ୍ଚାସୀନ ଅତିଥିଗଣ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେଇଥିଲେ । ବିଜେପିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସୁଶାସନ ଏବଂ ମାନ୍ୟବର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସ, ବିଜେଡି ଏବଂ ଜେଏମଏମ ଦଳ ଛାଡି ୪ଟି ପଞ୍ଚାୟତର ସରପଞ୍ଚ, ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ । ଦାନ୍ତିଆମୁହାଁ ପଞ୍ଚାୟତର ସରପଞ୍ଚ ଗୁରୁବାରୀ ସିଂଙ୍କ ସମେତ ଶେଖରଚନ୍ଦ୍ର ମହାନ୍ତ, ଜୟଚନ୍ଦ୍ର ମହାନ୍ତ, କୃଷ୍ଣ ସିଂ, ବୁଲୁ ମହାନ୍ତ ପ୍ରମୁଖ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ବିଜେପିରେ ସାମିଲ ହୋଇଛନ୍ତି । ସେହିଭଳି ଦୁର୍ଗାପୁର ପଞ୍ଚାୟତର ସରପଞ୍ଚ ସୁମିତ୍ରା ଟୁଡୁଙ୍କ ସମେତ ଭବାନୀ ଶଙ୍କର ମହାନ୍ତ, ବିଦ୍ୟାଧର ଟୁଡୁ, କଂଚୁନ ସୋରେନ, ଶରତଚନ୍ଦ୍ର ସିଂ, ପ୍ରମୁଖ ବହୁ କର୍ମୀ ଓ କର୍ମକର୍ତ୍ତା ଫୁଲ ଧରିଛନ୍ତି । ସେହିଭଳି ଘୋଳମୁହାଁ ପଞ୍ଚାୟତର ସରପଞ୍ଚ ବିରୁଆ ମୁର୍ମୁଙ୍କ ସହିତ ଜୟପ୍ରକାଶ ଚପେୟାର, କୁଆଁର ବାସ୍କେ, ଉଦମା ହାଁସଦା, ମାଇନ ମୁର୍ମୁ, କୋହି ପଞ୍ଚାୟତର ବିଜେଡି ସଭାପତି ଅରବିନ୍ଦ ତୁଙ୍ଗ, ପ୍ରାକ୍ତନ ସମିତିସଭ୍ୟ ନିର୍ମଳଚନ୍ଦ୍ର ସି ପ୍ରମୁଖଙ୍କ ସମେତ ଜେଏମଏମର ସୁରାୟ ହେମ୍ବ୍ରମ, ଲକ୍ଷ୍ମଣ ମାର୍ଣ୍ଡି, ମେଘନାଥ ହେମ୍ବ୍ରମ, ସୁରେଇଡ଼ିହିର ସରପଞ୍ଚ ସୁନାରାମ ହେମ୍ବ୍ରମ, ସମିତିସଭ୍ୟ ରାଜେନ୍ଦ୍ର ମହାନ୍ତ ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହିତ ବିଜେପିରେ ସାମିଲ ହୋଇଥିଲେ । ସେହିଭଳି ଭାଲିଆଡିହା ପଞ୍ଚାୟତର ଏଡେନ କୁମାର ହେମ୍ବ୍ରମ, ମିଲି ମହାକୁଡ଼, ଅଜିତ ଧଳ ପ୍ରମୁଖ ବିଜେପିରେ ମିଶିଛନ୍ତି । ଏହି ଅବସରରେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମସ୍ତଙ୍କୁ ଭାରତୀୟ ଜନତା ପାର୍ଟିକୁ ସ୍ୱାଗତ କରିଥିଲେ। ପରିଚାଳନାରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ମଣ୍ଡଳ ସମ୍ପାଦକ ମନୋଜ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# କବିବର ରାଧାନାଥ ରାୟଙ୍କ ୧୭୯ ତମ ଜନ୍ମ ଜୟନ୍ତୀ ପାଳିତ



ଜଳେଶ୍ୱର ୨୮/୧୦ (ନି.ପ୍ର) ଜଳେଶ୍ୱର ରାଧାନାଥ ରାୟଙ୍କର ୧୭୯ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ବକ୍ତବ୍ୟରେ କହିଥିଲେ କବିବର ରାଧାନାଥ ରାୟ ହେଉଛନ୍ତି ପ୍ରାଚ୍ୟ ଓ ପାଶ୍ଚାତ୍ୟ ର ସମନ୍ୱୟ ର ଅମୃତମୟ ଫଳ। ତାଙ୍କ ଲିଖିତ କବିତା ମହାକାବ୍ୟମହାଯାତ୍ରା, ଉର୍ବଶୀକେଦାର ଗୌରୀ,ଚିଲିକା, ଚନ୍ଦ୍ର ଭାଗା ପ୍ରଭୃତି ଆମ ଓଡ଼ିଆ ସାହିତ୍ୟ ପାଇଁ ଶ୍ରେଷ୍ଠ ଅବଦାନ।ଏହି ପବିତ୍ର ସ୍କୁଲ କୁ ପରିଦର୍ଶକ ହୋଇ ପରିଦର୍ଶନ ରେ ଆସିଥିଲେ। ଏ ମାଟି ଅତ୍ୟନ୍ତ ପବିତ୍ର। ପ୍ରତି ବର୍ଷ ଏ ସ୍କୁଲ ପରିସରରେ କବିବର ରାଧାନାଥ ରାୟ ଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉ ବୋଲି ପ୍ରଧାନ ଶିକ୍ଷକ ତଥା ଆଲୁମିନି ସଭାପତି ଓ ପରିଚାଳନା କମିଟି ର ସଦସ୍ୟ ମାନଙ୍କ ଠାରେ ପ୍ରସ୍ତାବ ରଖିଥିଲେ। ତାଙ୍କ ଦ୍ୱାରା ଲିଖିତ କବିତା ଅତ୍ୟନ୍ତ ଉଚ୍ଚ କୋଟୀ ର ଉତ୍କଳ କମଳା ବିଳାସ ଦିର୍ଘୀକା ମରାଳ ମାଳିନୀ ନୀଳାମ୍ବୁ ଚିଲିକା ତଥା ସର୍ବେଂ ସ୍ୱାହା ସଂସ୍କୃତ କବିତା ର ସ୍ରଷ୍ଟା ତଥା ପ୍ରକୃତୀ ଚିତ୍ରଣ, ପ୍ରଥମ ବିବେକୀ,ତରବାର, ନନ୍ଦୀ କେଶ୍ୱରୀ,ଓଷା, ପାର୍ବତୀ କାବ୍ୟ କବିତା ରଚନା କରି ଛନ୍ତି କବିବର ରାଧାନାଥ ରାୟ ଙ୍କ ସ ?ଷ୍ଟି ବୋଲି କହିଥିଲେ। ଆଲୁମିନି ର ସଭାପତି ପ୍ରାଧ୍ୟା ପକ ଶ୍ୟାମା ଚରଣ ଦାସ, ଭାର ପ୍ରାପ୍ତ ବିମଳ କୁମାର ନାୟକ, କିଷ୍ଟ ସେ !ରେନ,ନିଶିକାନ୍ତ ମାନ୍ନା, ପୁଣ୍ୟ ତେ !ୟା ଜେନା,ପୁଷ୍ପଲତା ସିଂ, ପ୍ରୀତିପ୍ରଜ୍ଞା ବେହେରା, ନିର୍ମଳା ରାଣୀ ପାତ୍ର,ଗଣେଶ ଚଂଦ୍ର ସିଂ, ସତ୍ୟ ନାରାୟଣ ସିଂହ, ଫୁଲ ମଣି ମାରାଣ୍ଡି,ଦେବଦତ୍ତ ମିଶ୍ର,ସମୀର କୁମାର ବିଶ୍ୱା ଳ,ପ୍ରଥମେ ଅନୁଷ୍ଠାନ ପରିସ ରରେ ଥିବା କବିବର ରାଧା ନାଥ ରାୟ ଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବୀର ମାର୍ଣ୍ଡି!

# ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଭାଗବତ ଜନ୍ମୋତ୍ସବ ପାଳିତ

କେନ୍ଦୁଝର,୨୮/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ମୁଖ୍ୟ କାର୍ଯ୍ୟାଳୟରେ ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାଗବତ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ପୁରାଣ ପଣ୍ଡା ଅମରେନ୍ଦ୍ର ପଣ୍ଡା ଓ ମୁଖ୍ୟ କର୍ତ୍ତା କାର୍ଯ୍ୟାଳୟ ସମ୍ପାଦକ ରାଜ କିଶୋର ରାଉତଙ୍କ ସହଯୋଗରେ ଭାଗବତ ଗାଦି ପୂଜାର୍ଚ୍ଚନା କରାଯାଇ ଭାଗବତ ଦ୍ୱାଦଶ ସ୍କନ୍ଧ ତ୍ରୟୋଦଶ ଅଧ୍ୟାୟ ପାରାୟଣ ପୂର୍ବକ ବାର୍ଷିକ ଭାଗବତ ପାରାୟଣ ସମ୍ପୂର୍ଣ୍ଣ କରି ପୁନଃ ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟ ପାରାୟଣ କରି ପାରାୟଣ ଶୁଭାରମ୍ଭ କରାଗଲା ।ଏହାପରେ ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନାଙ୍କ ଦ୍ୱାରା ଭାଗବତ ଜନ୍ମ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେଲା ।ଏଥିରେ ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ, ଉପସଭାପତି ଖଗେଶ୍ୱର ମହାନ୍ତ,ଜଗବନ୍ଧୁ ମହାନ୍ତ, ଉପଦେଷ୍ଟା ଭଜ ବେହେରା, ରବୀନ୍ଦ୍ର କୁମାର ପାଢ଼ୀ, ଭାଗବତ ପ୍ରଚାରକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ରାଜ କିଶୋର ରାଉତ,କୋଷାଧକ୍ଷ ଜଗବନ୍ଧୁ ରାଉତ,ବରିଷ୍ଠ ସଭ୍ୟ ଧ୍ରୁବାନନ୍ଦ ରାଉତ,ଚିନ୍ତାମଣି ମହାଲିକ, ପୁରୁଷୋତ୍ତମ ଜେନା ଓ କୈଳାସ ଚନ୍ଦ୍ର ପରିଡ଼ା ଉଦ୍ ବୋଧନ ଦେଇଥିଲେ।

# ମରଣଯନ୍ତା ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ: ଚମ୍ପୁଆ-ରିମୁଳି ରାସ୍ତାରେ ଖାଲଖମା, ତେଜୁଛି ଜନଅସନ୍ତୋଷ

ଚମ୍ପୁଆ,୨୮/୦୯ (ନି.ପ୍ର): ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯାନ୍ତା ସଦୃଶ ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ଯୋଡ଼ା ଓ ବଡ଼ବିଲ ଖଣି ଅଂଚଳରୁ ଲୁହାପଥର ବୋଝେଇ ହୋଇ ହଜାର ହଜାର ଭାରୀଯାନ, ଟ୍ରକ ଓ ଟ୍ରଲର ପଡ଼ୋଶୀ ଝାରଖଣ୍ଡ ରାଜ୍ୟକୁ ଚଳାଚଳ କରୁଛି। ମାତ୍ର ଅତି ଦୁଃଖର ବିଷୟ ଯେ, ରିମୁଳି ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାର ପିଚୁ ଭାଙ୍ଗିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି କାରଣରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ର ନିଦ ଭାଙ୍ଗୁ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ଚରମ ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଚମ୍ପୁଆ ଏକ ଉପଖଣ୍ଡସ୍ତରୀୟ ମୁଖ୍ୟାଳୟ ହୋଇଥିବାରୁ ଏଠାକୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସରକାରୀ କର୍ମଚାରୀମାନେ ଠିକ୍ ସମୟରେ ନିଜ କାର୍ଯ୍ୟସ୍ଥଳରେ ପହଂଚି ପାରୁନାହାନ୍ତି। ସବୁଠାରୁ ଗୁରୁତର ବିଷୟ ହେଉଛି, ଜୀବନ ମରଣ ସହ ସଂଗ୍ରାମ କରୁଥିବା ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଏହି ଖରାପ ରାସ୍ତା ଓ ଟ୍ରାଫିକ ଜାମରେ ଦୀର୍ଘ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ‘ରାସ୍ତା ବହୁତ ଖାଲଖମା ହୋଇଯାଇଛି। ଲଗାତାର ବର୍ଷା ଲାଗି ରହୁଥିବା ଯୋଗୁଁ ବୋଧହୁଏ ମରାମତି କାମ ହୋଇପାରୁନାହିଁ। ତେବେ କେମିତି ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇପାରିବ, ସେ ଦିଗରେ ମୁଁ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେଉଛି।’

# ରକ୍ତତୀର୍ଥ ତୁଡିଗଡିଆରେ ଶହୀଦ ଓ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ

## ଜାତୀୟ ସଂଗ୍ରାମକୁ ପ୍ରୋତ୍ସାହନ ଦେଇଥିଲା ତୁଡିଗଡିଆ ଆନ୍ଦୋଳନ



ଖଇରା, ୨୮/୯ (ନି.ପ୍ର): ସୋମବାର ବାଲେଶ୍ୱର ଜିଲା ଖଇରା ବ୍ଲକ ର ରକ୍ତତୀର୍ଥ ଭାବେ ପରିଚିତ ତୁଡିଗଡିଆ ଠାରେ ଶହୀଦ ଜନ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଶହୀଦ ରଘୁ ବେହେରା,କେଲୁ ସାହୁ ଓ ମକର ଲେଙ୍କାଙ୍କ ୮୪ତମ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା,ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ତୁଡିଗଡିଆର ସ୍ୱାଧିନତା ଆନ୍ଦୋଳନ ଜାତୀୟ ଆନ୍ଦୋଳନ ପାଇଁ ଖୋରାକ ଯୋଗାଇଥିଲା ବୋଲି କହିବା ସହ ଶହୀଦ ସ୍ମୃତିରେ ପ୍ରଥମେ ସୋର-କୁପାରୀ ରାସ୍ତାର ପ୍ରବେଶ ପଥରେ ତୋରଣ ନିର୍ମୀତ କରାଯିବା ସହ ପୀଠର ଉନ୍ନତି ପାଇଁ ଯାହା ଦରକାର ତାକୁ ସେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଭଦ୍ରକ ଏମପି ଅଭିମନ୍ୟୁ ସେଠୀ ,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ବିଡିଓ ନାରାୟଣ ସାହୁ,ତହସିଲଦାର ଅନୁପ କୁମାର ବେହେରା,ଯୁବନେତା ଅଶୁମାଧବ ପଣ୍ଡା ଓ ନିଳମାଧବ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶହୀଦ ଜନକଲ୍ୟାଣ ପରିଷଦର ସଭାପତି ବିଷ୍ଣୁମୋହନ ସାହୁ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଅବସର ସେନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ପ୍ରଥମେ ମନ୍ତ୍ରୀ ଶୋଭାଯାତ୍ରାରେ ମାର୍କୋଣା-ଗଣ୍ଡିବେଡ ଦେଇ ତୁଡିଗଡିଆ ଆସୁଥିବା ବେଳେ କୁରୁଣ୍ଟା ଠାରେ ବିଜେପି କର୍ମୀଙ୍କ ତରଫରୁ ହାଇସ୍କୁଲ ପରିସରରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅବସରଗ୍ରହଣ କରିଥିବା ପୂର୍ବତନ ସେନା ଅଧୀକାରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

# ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଗିରଫ ଦାବିରେ କଂଗ୍ରେସର ବିଶାଳ ବିକ୍ଷୋଭ ସମାବେଶ




ଭଦ୍ରକ, ୨୮/୯ (ନି.ପ୍ର): ଭାରତର ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଭୋଟ ଚୋରି ଘଟଣାରେ ପ୍ରମୁଖ ସୂତ୍ରଧର। ଦେଶର ଅନ୍ୟ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଜ୍ଞାନେଶଙ୍କ ନିଷ୍ପତି ଉପରେ ୧୪ ଥର ଆପତି ଜଣାଇଥିଲେ। କିନ୍ତୁ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ ଏହାକୁ ନଜର ଆନ୍ଦାଜ କରି ବିଜେପିକୁ ସୁହାଇବା ପରି ଏକପାଖିଆ ତଥା ବେନିୟମ ପଦକ୍ଷେପ ନେଇଛନ୍ତି। ଜ୍ଞାନେଶଙ୍କ ଏପରି କାର୍ଯ୍ୟଦ୍ୱାରା ଦେଶର ୧୫ କୋଟି ମତଦାତା ସେମାନଙ୍କ ଗଣତାନ୍ତ୍ରୀକ ଅଧିକାର ହରାଇଛନ୍ତି ବୋଲି ପୂର୍ବରୁ ବାରମ୍ବାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେଉଁ ଆଶଙ୍କାବ୍ୟକ୍ତ କରି ବାରମ୍ବାର ସରକାରଙ୍କୁ ସତର୍କ କରାଇ ଆସୁଥିଲେ ତାହା ଏବେ ସତ୍ୟରେ ପରିଣତ ହୋଇଛି। ତେଣୁ ତୁରନ୍ତ ମୁଖ୍ୟ ନିର୍ବାଚନ କମିଶନଙ୍କୁ ତାଙ୍କ ପଦବୀରୁ ବହିଷ୍କାର ସହ ଗିରଫ କରିବାକୁ କଂଗ୍ରେସ ଦାବି କରିଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସୁପାରିଶକ୍ରମେ ସୋମବାର ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ବିକ୍ଷୋଭ ପ୍ରଦର୍ଶନ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀଙ୍କୁ ନେଇ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ରାଜଘାଟ ଛକ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା ମୁଖ୍ୟ ନିର୍ବାଚନ କମିଶନଙ୍କୁ ଆୟୁଧ କରି ଏସଆଇଆର ଜରିଆରେ ଦେଶବାସୀଙ୍କ ଗଣତାନ୍ତ୍ରୀକ ଅଧିକାରକୁ ଛଡ଼ାଇ ନେଉଥିବା ଅଭିଯୋଗ କରିଥିଲେ। ତେଣୁ ମହାମହିମ ରାଷ୍ଟ୍ରପତି ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଗଣତାନ୍ତ୍ରୀକ ଅଧିକାରରୁ ବଂଚିତ ଭାରତୀୟ ନାଗରିକଙ୍କୁ ନ୍ୟାୟ ଦେବାକୁ ଦାବି ରଖିଥିଲେ। ପ୍ରତିବାଦ ସଭା ପରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ କୁଶପୁତଳିକା ଦାହ କରିଥିଲେ। ସଭା ଶେଷରେ ଏକ ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିବାଦ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ମୁରଲିଧର ଯେନା, ଦେବରୂପ ମହାନ୍ତି, ଗୋଲକ ଚନ୍ଦ୍ର ବେହେରା, ଶୁଭଶ୍ରୀ ବେହେରା, ସତ୍ୟାନନ୍ଦ ରାଉତ, ଅଭିଷେକ ରାଉତ, ଦିଗମ୍ବର ଦାସ, ରଜନୀକାନ୍ତ ଚାନ୍ଦ, ପ୍ରଦ୍ୟୁମ୍ନ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ଯେନା, ପିତବାସ ଧଳ, ବଳରାମ ରାଉତ, ବିଜୟ ବାରିକ, ଅରବିନ୍ଦ ନାୟକ, ଅଜୟ ସାହୁ, ସୁବାଶିଷ ମଲିକ, ସରୋଜ ଦାସ, ସରୋଜ ନାୟକ, ଫରିୟାଦ ଖାନ, ସବିତା ଚାନ୍ଦ, ଦେବବ୍ରତ ମହାନ୍ତି, ଶର୍ମିଷ୍ଠା ପଣ୍ଡା, ନିରଂଜନ ପଲେଇ, ରମେଶ ଚନ୍ଦ୍ର ନାୟକ, ଆଶିଶ ମଲିକ, ବିଦ୍ୟାଧର ଯେନାଙ୍କ ସମେତ ସହସ୍ରାଧିକ କର୍ମୀ ଉପସ୍ଥିତ ଥିଲେ।

# ବିଶ୍ୱ ଜଳାତଙ୍କ ଦିବସରେ ସୁରକ୍ଷିତ ରହିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୮/୯ (ନି.ପ୍ର): ବିଶ୍ୱ ଜଳାତଙ୍କ ଦିବସରେ ସରୁକ୍ଷିତ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ବିଶ୍ୱ ଜଳାତଙ୍କ ଦିବସ ଅବସରରେ ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ। ଜୀବଜନ୍ତୁଙ୍କ ସଠିକ୍ ଟିକାକରଣ ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ଜଳାତଙ୍କ ରୋଗକୁ ସମ୍ପୂର୍ଣ୍ଣ ପ୍ରତିରୋଧ କରାଯାଇପାରିବ। ଆସନ୍ତୁ ସମସ୍ତେ ମିଶି ଏକ ଜଳାତଙ୍କମୁକ୍ତ ସମାଜ ଗଠନ କରିବା। ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ସଚେତନତା ଓ ସାବଧାନତା ହିଁ ରୋଗ ପ୍ରତିହତର ପ୍ରଥମ ମାଧ୍ୟମ। ପ୍ରାଣୀ ସମ୍ପଦ ପ୍ରତି ଯତ୍ନବାନ ହୋଇ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଟୀକାକରଣ କରାଇବା ସହିତ ଜଳାତଙ୍କର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ହିଁ ବିଶ୍ୱ ଜଳାତଙ୍କ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସ୍ୱେଚ୍ଛାକୃତ ଭାବରେ ଆମେ ସମସ୍ତେ ଏ ଦିଗରେ ପ୍ରୟାସ କରିବା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଏହା ଶୁଳ୍କ, ଟିକସ, ନା ଅନ୍ୟ ...

ଆବେଦନରେ ଅଭିଯୋଗ କରାଯାଇଛି ଯେ ସରକାର ପର୍ଯ୍ୟାପ୍ତ ଆଇନଗତ ଆଧାର ବିନା ଏହି ନିଷ୍ପତ୍ତି ନେଇଛନ୍ତି। ଏମଡିଆର ଲାଗୁ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତି ଉପରେ କୌଣସି ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଦେବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ପ୍ରାୟ ଛଅ ବର୍ଷର ସମ୍ପୂର୍ଣ୍ଣ ମାଗଣା ୟୁପିଆଇ ପେମେଣ୍ଟ ବଦଳରେ ସରକାର ଅକ୍ଟୋବର ୧୫ ତାରିଖରୁ ୟୁପ୍ରାଇ ପ୍ଲାଟଫର୍ମ ମାଧ୍ୟମରେ ବ୍ୟବସାୟୀମାନଙ୍କୁ ୨,୦୦୦ଟଙ୍କାରୁ ଅଧିକ ମୂଲ୍ୟର ଟ୍ରାନ୍ସଫର ଉପରେ ୦.୪ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ତେବେ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ କାରବାର ଏବଂ ଛୋଟ ପେମେଣ୍ଟକୁ ଶୁଳ୍କରୁ ବାଦ୍ ଦିଆଯାଇଛି। ୭୫,୦୦୦ ଟଙ୍କା ଏବଂ ତା'ଠାରୁ ଅଧିକ ଦେୟ ପାଇଁ ଏମଡିଆର ୩୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ। ଅତ୍ୟାବଶ୍ୟକ ଏବଂ କ୍ଷୀଣ-ମାର୍ଜିନ୍ କ୍ଷେତ୍ର - ରେଳବାଇ, ଟେଲିକମ୍, ବୀମା, ଇନ୍ଧନ ଏବଂ କୃଷି ଇନପୁଟ୍ ୨,୦୦୦ ଟଙ୍କାରୁ ଅଧିକ କାରବାର ପାଇଁ ୫ ଟଙ୍କାର ଏକ ଫ୍ଲାଟ ଏମଡିଆର ପ୍ରଦାନ କରାଯିବ।

## ଶାହ ତୁଟାଇବେ...

ଆଶା କରାଯାଉଛି ଶାହାଙ୍କ ଅଧକ୍ଷତାରେ ହେବାକୁ ଥିବା ବୈଠକରେ ବାହାରିପାରେ ମହାନଦୀ ବିବାଦ ସମାଧାନର ବାଟ । ଏବଂ ଅକ୍ଟୋବର ୧୫ରେ ହେବାକୁ ଥିବା ପରବର୍ତ୍ତୀ ଟ୍ରିବ୍ୟୁନାଲ ଶୁଣାଣି ବେଳକୁ କେମିତି ସମାଧାନ ମହାନଦୀ ଜଳ ଆବଣ୍ଟନକୁ ନେଇ ବର୍ଷ ବର୍ଷ ହେଲା ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ବିଶେଷ କରି ଅଣମୌସୁମୀ ଋତୁରେ ଯେତିକି ପାଣି ଛାଡ଼ିବା କଥା ଛତିଶଗଡ଼ ସେତିକି ଛାଡୁନଥିବାରୁ ଓଡ଼ିଶା ପଟର ମହାନଦୀ ଅବବାହିକା ଶୁଖିଲା ପଡୁଛି। ତେଣୁ ଜଳ ଆବଣ୍ଟନ ନିୟମ ଅନୁସାରେ ପାଣି ଛାଡିବା ପାଇଁ ଦାବି କରି ଆସୁଛି ଓଡ଼ିଶା।

## ୩୫ ହଜାର ଲାଞ୍ଚ ନେବାବେଳେ...

ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସର କହିବା ଅନୁସାରେ, ଉଭୟଙ୍କଠାରୁ ସମ୍ପୂର୍ଣ୍ଣ ୩୫ ହଜାର ଟଙ୍କାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ Case No. ୩୮, ତାରିଖ ୨୭.୦୯.୨୦୨୬ ଅନୁସାରେ Prevention of Corruption (Amendment) Act, ୨୦୧୮ର ଧାରା ୭ରେ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରହିଛି। ଲାଞ୍ଚ ଧରାପଡ଼ିବା ପରେ ବନ୍ଦିତା ଦାଶଙ୍କ ସହ ଜଡ଼ିତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ତାଙ୍କ ଆୟ ଓ ସମ୍ପତ୍ତିର ଉତ୍ସ ସମ୍ପର୍କରେ ମଧ୍ୟ ଯାଞ୍ଚ ଚାଲିଛି। ତଦନ୍ତ ଶେଷ ହେବା ପରେ ଏହି ମାମଲାରେ ଅଧିକ ତଥ୍ୟ ସାମ୍ନାକୁ ଆସିବ।

## ମହାନଦୀ ବ୍ୟତୀତ ...

୧୨ଟା ସୁଦ୍ଧା ମୁଣ୍ଡଳିରେ ୭ ଲକ୍ଷ ୮୩ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହେଉଛି। ଆଜି ସନ୍ଧ୍ୟା ପରେ ମୁଣ୍ଡଳିରେ ଜଳ ପ୍ରବାହ କମିଯିବ। ମହାନଦୀକୁ ଛାଡ଼ି ରାଜ୍ୟରେ ଆଉ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ବୈତରଣୀ, ସାଳନ୍ଦୀରେ ପାଣି କମିଛି। ବ୍ରାହ୍ମଣୀରେ ବନ୍ୟା ସ୍ଥିତି ନାହିଁ, ଦକ୍ଷିଣ ଓଡ଼ିଶାର ନଦୀରେ ମଧ୍ୟ ପାଣି କମିଛି। ମହାନଦୀରେ ବନ୍ୟା ପାଇଁ ମୁଖ୍ୟତଃ ୪ଟି ଜିଲ୍ଲାର ତଳିଆ ଅଂଚଳ ପ୍ରଭାବିତ ହେବ।

## ଲୋୟର ପିଏମ୍‌ଜିରେ....

ତେଣୁ ମାଟିକୁ ଧୋକ୍କା ଦେଉଥିବା ଲୋକଙ୍କୁ ଓଡ଼ିଶାବାସୀ କ୍ଷମା ଦେବେନାହିଁ କହି ବିଜେପିକୁ ନିଶାନା କରିଛନ୍ତି । ଏପଟେ ନବୀନଙ୍କ ଭାଷଣ ସରୁ ସରୁ ବ୍ୟାରିକେଡ ଭାଙ୍ଗି ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ବିଜେଡିର ଯୁବ, ଛାତ୍ର ଓ ଛାମୁଆ ସଂଗଠନ। ପୁଲିସ ଅଟକାଇବାରୁ ପ୍ରାୟ ଗୋଟିଏ ଘଣ୍ଟା ଧରି ରଣକ୍ଷେତ୍ର ପାଲଟିଥିଲା ବିକ୍ଷୋଭସ୍ଥଳ । ସେପଟେ ସୁଜାତାଙ୍କୁ ପଲଟିକାଲ ଲଞ୍ଚ କରିଛନ୍ତି ନବୀନ । ପ୍ରଥମ ଥର ପାଇଁ ମଞ୍ଚରେ ଚଢ଼ି ଏମଏମଡିଆର ବିଲକୁ ବିରୋଧ କରିଛନ୍ତି । ଆଜି ଗୃହରେ ମଧ୍ୟ ଏମଏମଡିଆରର ତାତି ଦେଖିବାକୁ ମିଳିଥିଲା। କାର୍ଯ୍ୟ ଆରମ୍ଭରୁ ପ୍ରତିବାଦ କରିଥିଲେ ଉଭୟ ବିରୋଧୀ କଂଗ୍ରେସ ଓ ବିଜେଡି। ସେପଟେ ଏମ୍ଏମ୍ଡିଆର ଦ୍ୱାରା କଣ ଲାଭ ହେବ କଣ କ୍ଷତି ହେବ ତାର ହିସାବ ରଖିଛନ୍ତି ବିଜେପି ସାଂସଦ। ବିଜେଡି ଅପପ୍ରଚାର କରୁଥିବା ସାଂସଦମାନେ ଅଭିଯୋଗ କରିଛନ୍ତି।

## ବିରୋଧୀଙ୍କ ହଟ୍ଟଗୋଳରେ...

ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ବିଲ୍, ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍ ଓ ଓଡ଼ିଶା ଜନ ବିଶ୍ୱାସ ବିଲ୍ ସମେତ ମୋଟ୍ ୪ଟି ବିଲ୍ ପାରିତ ହୋଇଛି। ଗୃହ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ବିରୋଧୀ ଦଳଙ୍କୁ ମନାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶରେ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଭ୍ୟମାନେ ଗୃହକୁ ଫେରିବାକୁ ସିଧାସଳଖ ମନା କରିଦେଇଥିଲେ। ଏନେଇ ମନ୍ତ୍ରୀ ଶ୍ରୀ ନାଏକ ଗୃହରେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ।

## ପୁଣି ଭୀଷଣ ହେବ...

ବାଛିପାରିବେ ବୋଲି ଆରାଘଚି କହିଛନ୍ତି। ଅନ୍ୟପକ୍ଷରେ ଜାତିସଂଘରେ ଆମେରିକା ରାଷ୍ଟ୍ରଦୂତ ମାଇକେଲ ୱାଲ୍ଟ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବାକୁ ଇରାନର ପ୍ରସ୍ତାବକୁ ଆମେରିକା ପ୍ରତ୍ୟାଖ୍ୟାନ କରିଛି। ତେହେରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ଆରମ୍ଭ କରିବା ପୂର୍ବରୁ ପ୍ରତିବନ୍ଧକରୁ ମୁକ୍ତି ଓ କୋଟି କୋଟି ଡଲାରର ଫ୍ରିଜ୍ ହୋଇଥିବା ସମ୍ପତ୍ତି ପାଇବା ଚାହୁଁଥିଲା। ଆମେରିକା କହିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଇରାନ ସହିତ ଯେକୌଣସି ପ୍ରକାରର ଚୁକ୍ତି ଚାହାନ୍ତି, କିନ୍ତୁ ସେପର୍ଯ୍ୟନ୍ତ ସମସ୍ତ ବିକଳ୍ପ ଖୋଲା ଅଛି।

# 'ବନ୍ୟା' ବଦଳାଇ ଦେଇଛି କପ୍ତିପଦା ଉପଖଣ୍ଡର ଚିତ୍ର



ଉଦଳା , ୨୮/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ କପ୍ତିପଦା ଉପଖଣ୍ଡ ମଧ୍ୟରେ ପ୍ରବାହିତ ସବୁଯାକ ନଦୀରେ ଏକକାଳୀନ ବନ୍ୟା ଆସିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ୧୯୯୯ ମସିହା ମହାବାତ୍ୟା ପରଠାରୁ ଏପରି ବନ୍ୟା ଆଉ କେବେ ଦେଖିବାକୁ ମିଳିନଥିଲା ବୋଲି କୁହାଯାଉଛି । ଉପଖଣ୍ଡ ମଧ୍ୟରେ ଥିବା ଶତାଧିକ ଗ୍ରାମ ବନ୍ୟାରେ ପ୍ରଭାବିତ ହେବା ସାଙ୍ଗକୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଥିବାର ଜଣାଯାଇଛି । ବ୍ୟାପକ ଅଂଚଳରୁ ମାଟି ଧୋଇଯିବା ଫଳରେ ଅନେକ ଗୁଡ଼ିଏ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଛି । ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ବନ୍ୟାଜଳ ପଶିଯିବା ଯୋଗୁଁ ପିଲାଙ୍କ ଶିକ୍ଷଣୀୟ ସାମଗ୍ରୀ, ମଧ୍ୟାହ୍ନ ଭୋଜନ ଚାଉଳ, ରୋଷେଇରେ ବ୍ୟବହୃତ ସରଂଜାମ, ଦରକାରୀ କାଗଜପତ୍ର ଇତ୍ୟାଦି ଭାସିଯାଇଥିବାର କଥା ଶୁଣିବାକୁ ମିଳୁଛି । ନଦୀ ପାର୍ଶ୍ୱରେ ଗଢ଼ି ଉଠିଥିବା ଇଟାଭାଟି ଗୁଡ଼ିକ ଯୋଗୁଁ ବନ୍ୟାର ପ୍ରକୋପ ଅଧିକ ଭୟଙ୍କର ହେଉଛି ବୋଲି ଚର୍ଚ୍ଚା ହେଉଛି । ଏହିସବୁ ଇଟାଭାଟି ଗୁଡ଼ିକୁ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଦୌ କୌଣସି ପଦକ୍ଷେପ ନନେବା ଖୁବ୍ ଯନ୍ତ୍ରଣାଦାୟକ ବିଷୟ ପାଲଟିଛି ବୋଲି ବହୁ ଲୋକ ମତ ଦେଉଛନ୍ତି । ନଦୀ କଡ଼ରେ ଥିବା ଇଟାଭାଟି ଗୁଡ଼ିକୁ ବନ୍ଦ କରିବା ପାଇଁ ଦିର୍ଘ ବର୍ଷ ତଳୁ ଦାବି ମଧ୍ୟ ଉଠିଛି । ନଦୀ ଗୁଡ଼ିକର ଉଭୟ ପାର୍ଶ୍ୱରେ ପଥରବନ୍ଧ ସାଙ୍ଗକୁ ଇଟାଭାଟି ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଅନେକ ଗୁଡ଼ିଏ ଗ୍ରାମ ନଦୀ ଗର୍ଭରେ ଲୀନ ହୋଇଯିବ ଏଥିରେ ସନ୍ଦେହ ନାହିଁ ବୋଲି କୁହାଯାଉଛି । ଏଭଳି ଏକ ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡର ଚିତ୍ର ସମ୍ପୂର୍ଣ୍ଣ ବଦଳାଇ ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ରାଜ୍ୟସ୍ତରୀୟ ତାଳଧ୍ୱଜ ସମ୍ମାନ ସମାରୋହ

## ଭାଷା ସାହିତ୍ୟ ହିଁ ସୁପ୍ତ ମଣିଷକୁ ଜାଗ୍ରତ କରାଏ



କେନ୍ଦ୍ରାପଡ଼ା , ୨୮/୯ (ନି.ପ୍ର): ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ତାଳଧ୍ୱଜ ସମ୍ମାନ ସମାରୋହ, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । 'ମୁହାଁଣ' ପତ୍ରିକା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା ଉଦଘାଟନ କରିଥିଲାବେଳେ ପଣ୍ଡିତ ସଞ୍ଜୟ ମଥାନ ବେଦପାଠ କରିଥିଲେ ଓ କଣ୍ଠଶିଳ୍ପୀ ଅଙ୍କିତା ରାଉତ ମହାପ୍ରଭୁ ଜଗନ୍ନାଥ ଭଜନ ଗାନ କରିଥିଲେ । କବି ରମେଶ ପତିଙ୍କ ସଭାପତିତ୍ୱରେ ପରିଚାଳିତ ଏହି ସଭାରେ ମୁଖ୍ୟଅତିଥି କବି ହିମାଂଶୁ ପରିଡ଼ା, ବିଶିଷ୍ଟ ଅତିଥି କବି ଡ. ଶ୍ରୀଧର ସାମଲ, ମୁଖ୍ୟବକ୍ତା କବି ଡ. ନିଖିଳେଶ ମହାନ୍ତି ଏବଂ ସଂଯୋଜିକା ଭାବରେ କବି ଚାରୁଲତା ଭୂୟାଁ ଯୋଗ ଦେଇ ସମାଜର ଯେତେବେଳେ ଅବକ୍ଷୟ ଘଟେ ସେତେବେଳେ ସାହିତ୍ୟ ହିଁ ଏହି ସଙ୍କଟରୁ ଉଦ୍ଧାର କରିଥାଏ ଏବଂ ସାହିତ୍ୟ ହିଁ ସୁପ୍ତ ମଣିଷକୁ ଜାଗ୍ରତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲାପରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ କବିତା ସଂକଳନ 'ଭୋକ ରଙ୍ଗର କବିତା' ଓ କବି ଶଶିକାନ୍ତ ଦାସଙ୍କ 'ମାଟି ମାୟା' କବିତା ସଂକଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସାହିତ୍ୟ ଓ ସମାଜସେବାରେ ସୁନାମ ଅର୍ଜନ କରିଥିବା କଥାକାର ବନମାଳୀ ସେନାପତି, କବି ପୁଷ୍ପାଞ୍ଜଳି ପଣ୍ଡା, କଥାକାର ଟୁନିଲତା ବିଶ୍ୱାଳ, କବି ଭବାନୀ ପ୍ରସାଦ ମହାପାତ୍ର, କବି ଦିଲ୍ଲୀପ କୁମାର ବିଶ୍ୱାଳ, କବି ମହନ୍ତ କୁମାର ମଲ୍ଲିକ, ନାଟ୍ୟକାର ସଞ୍ଜୟ ମଲ୍ଲିକ, ଶ୍ରୀଯୁକ୍ତ ଘନଶ୍ୟାମ ଜେନା, ଶ୍ରୀମାନ ସୁବ୍ରଜିତ ଖଣ୍ଡୁଆଳ, କଥାକାର ସୁବ୍ରତ ପାତ୍ର ପ୍ରଭୃତି ଦଶଜଣଙ୍କୁ ମାନପତ୍ର, ଉପଢୌକନ, ତୁଳସୀମଞ୍ଚ ଓ ପୁଷ୍ପଗୁଚ୍ଛ ଦେଇ ତାଳଧ୍ୱଜ ସମ୍ମାନରେ ସମ୍ମାନିତ କରାଯାଇଥିଲା । କବି ସୁହାନି ରାଉତ ମାନପତ୍ର ପାଠକରିଥିଲେ । ଦ୍ୱିତୀୟ ଅଧିବେଶନରେ କବି ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ଓ ଆମ ଗାଁ ସାହିତ୍ୟ ପରିଷଦର ସମ୍ପାଦକ କବି ସ୍ୱପ୍ନାଂଶୁ ଦାସ, କବି ରଞ୍ଜନ ବାଇ, କବି ଗୋଲାପ ରାଉତଙ୍କ ସହଯୋଗରେ ପ୍ରାୟ ତିରିଶି ଜଣ କବିଙ୍କୁ ନେଇ ଏକ ମନୋଜ୍ଞ କବିତା ପାଠ ଆୟୋଜନ କରାଯାଇଥିଲା । ସଭା ଶେଷରେ କବି ଅଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତତୀର୍ଥ ଇରମରେ ଶହୀଦ ସ୍ମୃତି ଦିବସ ମହା ସମାରୋହରେ ଅନୁଷ୍ଠିତ




ବାସୁଦେବପୁର, ୨୮/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମରେ ଶହୀଦ ସ୍ମୃତି କମିଟି ଓ ବାସୁଦେବପୁର ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ୮୪ ତମ ଶହୀଦ ସ୍ମୃତି ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶହୀଦ ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଭଦ୍ରକ ଜିଲ୍ଲା ସାଂସଦ ଅଭିମନ୍ୟୁ ସେଠୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ପୋଲିସ ମହା ନିରୀକ୍ଷକ ପିନାକ ମିଶ୍ର,ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଇରମ ସରପଞ୍ଚ ସାବିତ୍ରୀ ବଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୨୮ ର ଗୁଳିକାଣ୍ଡ ଘଟଣା , ଇରମ ମାଟି ପାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ,ସଂଗ୍ରାମ,ସଂଘର୍ଷ ଓ ଅମର ଶହୀଦଙ୍କ ବଳିଦାନର ଗାଥାକୁ ସମସ୍ତ ଅତିଥି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଶହୀଦ ସ୍ମୃତି କମିଟିର ସମ୍ପାଦକ ରତିକାନ୍ତ ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ରଞ୍ଜନ କୁମାର ନାୟକ ମଞ୍ଚ ସଂଯୋଜନା କରିଥିଲେ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧିବକ୍ତା ଡକ୍ଟର ନିରଦ କୁମାର ଦାଶ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶହୀଦ ସ୍ମୃତି ଦିବସର ସକାଳ ସମୟରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଦିବସରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ,ବାସୁଦେବପୁର ବିଡିଓ ତନ୍ମିତା କର,ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶହୀଦ ସ୍ପୋର୍ଟିଙ୍ଗ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଥିଲା। ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଶହୀଦ ସମାଧି ପୀଠ ରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ଅମର ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆଯାଇଥିଲା। ସମସ୍ତ ଅତିଥି ଶହୀଦ ସ୍ମୃତି ସ୍ତମ୍ଭ ଓ ଶହୀଦ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ଏହି ଉତ୍ସବରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ, ବିଜେପିର ବରିଷ୍ଠ ନେତା ଭାଗୀରଥି ବଳ,ଅଧ୍ୟାପକ ରାଜ କିଶୋର ରାୟ, ଅଧ୍ୟାପକ ବସନ୍ତ ଦାସ, ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଜୟ ପ୍ରକାଶ ମଲ୍ଲିକ, ବିଜେପି ଜିଲ୍ଲା ଉପ ସଭାପତି ଗିରିଜା ଶଙ୍କର ନାୟକ, ପାରିଷଦ ଜଗବନ୍ଧୁ ଦାସ, କୈଳାସ ଚନ୍ଦ୍ର ପଣ୍ଡା, ଲିଙ୍କୁନ ଦଳେଇ, ଅଶୋକ କୁମାର ନାୟକ, ରାଜେନ୍ଦ୍ର ନାୟକ,ବାସୁଦେବପୁର ବିଜୁ ଜନତା ଦଳର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବିଜେଡ଼ି ନେତା ପ୍ରଫୁଲ୍ଲ କୁମାର ପଳିତା, ଶ୍ୟାମ ସୁନ୍ଦର ମହାନ୍ତି, ମାନସ ସାହୁ, ଗୌତମ ସେଠୀ, ପୌର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ୍ , ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ଏହି ଉତ୍ସବରେ ବାସୁଦେବପୁରରେ ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ସଂଗ୍ରାମୀ ନୀଳମଣି ରାଉତରାୟ, ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ,ଇରମରେ ପରି ବେଓ୍ୱା, ସଂଗ୍ରାମୀ କମଳା ପ୍ରସାଦ କର, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀ, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି ପ୍ରମୁଖଙ୍କ ପ୍ରତିମୂର୍ତ୍ତି ରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ମଙ୍ଗଳବାର, ସେପ୍ଟେମ୍ବର ୨୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଜୟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ




ବଡ଼ସାହି , ୨୮/୯ (ନି.ପ୍ର): ବଡସାହି ବ୍ଲକର ବିଜୟ ଉଚ୍ଚ ବିଦ୍ୟାଳୟ, ବାଘମରାର ୩୭ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲାବେଳେ ଶିକ୍ଷକ ନୀରଦ ସୁନ୍ଦର ଜେନା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଯୀଶୁଙ୍କୁ ଧୂପ ଦାନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଚର୍ଚ୍ଚର ଫାଦର ଆଇସାକ୍ ପୋଥାନାଗଡ଼ି ଯୋଗ ଦେଇ କହିଥିଲେ କି ବିଜୟ ହେଉଛି ଫ୍ରାନ୍ସର ସାଧୁ ଭିନସେନ୍ତଙ୍କ ଓଡ଼ିଆ ନାମ। ତାଙ୍କର ନାମ ଅନୁସାରେ ଏହି ବିଦ୍ୟାଳୟର ନାମକରଣ କରାଯାଇଛି । ମୁଖ୍ୟ ଅତିଥି ସେହି ସାଧୁଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ସନ୍ତୋଷ କୁମାର କାସ୍ତ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ନୈତିକ ଭାବାପନ୍ନ ହେବା ପାଇଁ ପରାମର୍ଶ ଦେଉଥିଲେ। ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ ଜିଲ୍ଲା ଓଷ୍ଟାର ସଂପାଦକ କିଶୋର କୁମାର

# ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ନିମନ୍ତେ ବଡ଼ସାହି ବ୍ଲକ ସ୍ତରୀୟ ବିଶାଳ ଜନସମାବେଶ



ବଡ଼ସାହି, ୨୮/୯ (ନି.ପ୍ର): ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ନିମନ୍ତେ ବଡ଼ସାହି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ମୁଣ୍ଡାରୀ ଭାଷାକୁ ରାଜ୍ୟରେ ଦ୍ୱିତୀୟ ରାଜଭାଷା ମାନ୍ୟତା ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ମୁଣ୍ଡାରୀ ଭାଷା ହେଉଛି ଭାରତର ଅନ୍ୟତମ ସର୍ବପୁରାତନ ଆଦିବାସୀ ଭାଷା। ଭଗବାନ ବିରସା ମୁଣ୍ଡା ଏହି ଭାଷାଭାଷୀ ସମୁଦାୟର ଥିଲେ, ଯାହାଙ୍କ ଜନ୍ମଦିବସକୁ ଭାରତ ସରକାର 'ଜନଜାତୀୟ ଗୌରବ ଦିବସ' ରୂପେ ଘୋଷଣା କରିଛନ୍ତି। ଏହା ସହିତ ଭାରତର ସମ୍ବିଧାନ ନିର୍ମାଣରେ ଜୟପାଳ ସିଂହ ମୁଣ୍ଡାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଏବଂ ସେ ମଧ୍ୟ ମୁଣ୍ଡାରୀ ଭାଷାଭାଷୀ ଲୋକ ଥିଲେ। ସାରା ଭାରତବର୍ଷରେ ୧୬ ଲକ୍ଷରୁ ଅଧିକ ଲୋକ ମୁଣ୍ଡାରୀ ଭାଷା କହୁଥିଲେ ହେଁ, ଆଜି ପର୍ଯ୍ୟନ୍ତ ଏହି ଭାଷାକୁ ଉପେକ୍ଷିତ କରାଯାଇଛି। ଏଥିପାଇଁ ସମଗ୍ର ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ତେଣୁ ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଯଥାଶୀଘ୍ର ସାମିଲ କରିବା ସହ ରାଜ୍ୟର ଦ୍ୱିତୀୟ ରାଜଭାଷା ରୂପେ ମାନ୍ୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।ଏହି ଅବସରରେ କେନ୍ଦୁଆସାହି ସ୍ଥିତ ବିରସା ମୁଣ୍ଡା ଛକଠାରୁ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିରସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିଠାରେ ମୁଣ୍ଡାରୀ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ତା'ପରେ ପାରମ୍ପରିକ ବେଶଭୂଷା ପରିହିତ ବଡ଼ସାହି ବ୍ଲକ ର ୩୦ ଟି ଗ୍ରାମପଞ୍ଚାୟତରୁ ଆସି ଥିବା ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମୁଣ୍ଡାରୀ ଭାଷାଭାଷୀ ପୁରୁଷ ଓ ମହିଳା ଦୁଇଟି ଧାଡ଼ିରେ ପଦଯାତ୍ରା କରି ବଡ଼ସାହି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ମୁଣ୍ଡାରୀ ସଂସ୍କୃତିର ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବଡ଼ସାହି ୨୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ସିଂହ, ବଡ଼ସାହି ବ୍ଲକ ଅଧ୍ୟକ୍ଷା ମିନତି ସିଂହ, ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ସିଂହ, ବଡ଼ସାହି ଗ୍ରାମପଞ୍ଚାୟତର ସରପଞ୍ଚ ବୁଧୁରାମ ସିଂହ, ଛେଳିଆ ସରପଞ୍ଚ ପ୍ରିୟଲତା ସିଂହ, ଦେଉଳିଆ ସରପଞ୍ଚ ତୁଳସୀ ସିଂହ, କୋଚିଲାଖୁଣ୍ଟା ସରପଞ୍ଚ ତପସ୍ୱିନୀ ସିଂହ, ସୁହାଗପୁର ସରପଞ୍ଚ ବାସନ୍ତୀ ସିଂହ, ମାଣତ୍ରୀ ସରପଞ୍ଚ ସାବିତ୍ରୀ ସିଂହ, ସାନକେରକୋ ସରପଞ୍ଚ ସହଦରୀ ସିଂହ, ଖାନୁଆ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସିଂ, ସମିତି ସଭ୍ୟ ପଦ୍ମଲୋଚନ ସିଂ, ଯଦୁନାଥପୁର ସରପଞ୍ଚ ଟୁନି ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂହ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂହ, ଅଜିତ କୁମାର ସିଂହ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂହ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବେତନଟୀ ବ୍ଲକ ଆବାହକ ତପନ ସିଂହ ଏବଂ ଖୁଣ୍ଟା ବ୍ଲକ ଆବାହକ ରାଙ୍ଗା ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବଡ଼ସାହି ବ୍ଲକ ର ଆବାହକ ବୈଦନାଥ ସିଂ, ସମ୍ପାଦକ ବସନ୍ତ ସିଂ, ଶଶୀଧର ସିଂ, ଶାନ୍ତିଲତା ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସର ରଣହୁଙ୍କାର




ବାଲେଶ୍ୱର , ୨୮/୯ (ନି.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୋଟ ଚୋରିରେ ସଂପୃକ୍ତ । କେବଳ ଏତିକି ନୁହେଁ, ନେତା ଚୋରି, ଦଳ ଚୋରି ପରେ ସେ ଭାରତୀୟ ଗଣତନ୍ତ୍ରକୁ ବି ଚୋରି କରିଛନ୍ତି । ତେଣୁ ତାଙ୍କୁ ତୁରନ୍ତ ମୁଖ୍ୟ ନିର୍ବାଚନ କମିଶନର ପଦବୀରୁ ବହିଷ୍କାର କରିବା ସହିତ ଗିରଫ କରାଯାଉ ବୋଲି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ହୁଙ୍କାର ଦିଆଯାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଏବଂ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଫାଣ୍ଡି ଛକରୁ ଏକ ଶୋଭାଯାତ୍ରାରେ ଆସି କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଦେବୀ ପ୍ରସନ୍ନ ଚାନ୍ଦ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, କାଉନସିଲର ତଥା ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଗଣେଶ ପଣ୍ଡା, ଗୋପୀନାଥ ପାଢ଼ୀ, ସଞ୍ଜୟ ଦଳେଇ, ସୁଧାଂଶୁ ଜେନା, ପ୍ରଦେଶ କଂଗ୍ରେସ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ରାଜୀବ ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା ଓ ଜ୍ୟୋସ୍ନା ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ନିଶିଥ ବାରିକ, ପଶୁପତି ଉପାଧ୍ୟାୟ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି, ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା, ବ୍ଲକ୍ କଂଗ୍ରେସ କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ହୋଇ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଷଣ୍ଢର ସହ ଧକ୍କା: ଜଣେ ମୃତ, ଅନ୍ୟ ଜଣେ ଆହତ

ଖଇରା,୨୮/୯(ଉତ୍କଳବନ୍ଧୁ ପଣ୍ଡା) କୁପାରୀ ରୁ ଆଗରପଡା ରାସ୍ତାର ଅମ୍ବିକା ଛକ ନିକଟରେ ଷଣ୍ଢ ସହ ଧକ୍କା ହେବା ଯୋଗୁଁ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଶୋଷ ଥାନା ଅଧିନ ବିଣାପାଟିଆ ଗ୍ରାମର ଭାଗିରଥି ମାରାଣ୍ଡି ଓ ଆହତ ଜଣକ ହେଲେ ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଡାହି ଗ୍ରାମର ବିଶ୍ୱନାଥ ପାଢୀ । ଭାଗିରଥି କୁପାରୀରୁ ନିଜ ଘର ଅଭିମୁଖେ ଯାଉଥିବା ବେଳେ ଅମ୍ବିକା ମନ୍ଦିର ନିକଟରେ ପ୍ରଥମେ ଷଣ୍ଢକୁ ବାଡେଇ ତାପରେ ବିପରିତ ଦିଗରୁ ବାଇକରେ ଆସୁଥିବା କୁପାରୀର ପେପର ହକର ବିଶ୍ୱନାଥଙ୍କୁ ଧକ୍କା ଦେଇଥିଲେ । ଭାଗିରଥିଙ୍କୁ ଗୁରୁତର ଅବସ୍ଥାରେ ଖଇରା ମେଡିକାଲକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିଭଳି ବିଶ୍ୱନାଥ ଙ୍କୁ ଚିକିତ୍ସା ପାଇଁ ଭଦ୍ରକ ନିଆଯାଇଛି ।

# ନାଖରା ପୋଲ ଏବେ ବିପଦ ସଙ୍କୁଳ ଅବସ୍ଥାରେ: ତୁରନ୍ତ ମରାମତି ଦାବି



ବୈଶିଙ୍ଗା , ୨୮/୯ (ନି.ପ୍ର): ବୈଶିଙ୍ଗା - ମାଣତ୍ରୀ ସହିତ ଠାକୁରମୁଣ୍ଡା ରୁ ବରହମପୁର (ରୁଷା) ପର୍ଯ୍ୟନ୍ତ ରାଜ୍ୟ ରାଜପଥର ମୁଖ୍ୟ ବାଧକ ସାଜିଛି ବୁଢ଼ାବଳଙ୍ଗ ନଦୀ ଉପରେ ନିର୍ମିତ ନାଖରା ସେତୁ । ଏହି ରାଜ୍ୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଞ୍ଚ ବର୍ଷ ଧରି ଚାଲୁ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ଛୋଟ ବଡ ପୋଲ ହେବା ସହିତ ଆବଶ୍ୟକ ସ୍ଥଳେ ରାସ୍ତାକୁ ଉଚ୍ଚା କରାଯାଇଛି। ମାତ୍ର ମୂଖ୍ୟ ପ୍ରତିବନ୍ଧକ ସାଜିଥିବା ନାଖରା ସେତୁ ଟି ପୂର୍ବଭଳି ନିଚ୍ଚା ରହିଛି । ଫଳରେ ବୁଢାବଳଙ୍ଗରେ ବନ୍ୟା ଆସିବା ମାତ୍ରେ ପୋଲ ଉପରେ ପାଣି ପ୍ରବାହିତ ହେବା ଯୋଗୁଁ ଯୋଗା ଯୋଗ ବିଚ୍ଛିନ୍ନ ହୋଇଯାଏ । ୧୯୮୫ ମସିହାରେ ତତ୍କାଳୀନ ମୂଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ସେତୁର ଶିଳାନ୍ୟାସ କରିବା ପରେ ନିର୍ମିତ ମଧ୍ୟ ହୋଇଥିଲା । ମାତ୍ର ସେତେ ବେଳେ ଦୂରଦୃଷ୍ଟି ଅଭାବରୁ ସେତୁର ସ୍ଥାୟିତ୍ୱ ଓ ପରବର୍ତ୍ତି ସମୟରେ ଏହାର ଉପାଦେୟତା ପ୍ରତି ଅବଲୋକନ କରାଯାଇନଥିଲା । ବାରମ୍ବାର ବନ୍ୟା ଆସିବା ଯୋଗୁଁ ସେତୁ ପ୍ରତି ବିପଦ ବଢି ଚାଲିବା ସହିତ ଉଭୟ ପାର୍ଶ୍ୱ ବାଡା ପ୍ରତି ମଧ୍ୟ ବିପଦ ଥିବାର ଅନୁଧ୍ୟାନରୁ ଜଣାପଡ଼ିଛି। ଏବର୍ଷର ଚତୁର୍ଥ ବନ୍ୟା ଆସିବା ଯୋଗୁଁ ଗୋଟିଏ ପାର୍ଶ୍ୱର ୫୦ ଫୁଟ ବାଡା ଭାଙ୍ଗି ଯିବା ସହିତ ଅନ୍ୟ ପାର୍ଶ୍ୱର ବାଡା ବାଙ୍କି ଯାଇଥିବାର ଲକ୍ଷ୍ୟ କରାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ସୁଦ୍ଧା ଅଣଦେଖା କରିବା ଅର୍ଥ ବିପଦକୁ ଡାକି ଆଣିବାର ସ୍ଥିତି ସୃଷ୍ଟି ହୋଇଛି । ତେଣୁ ନାଖରା ଠାରେ ଉଚ୍ଚତା ସମ୍ପନ୍ନ ଦୀର୍ଘତମ ସେତୁ ନିର୍ମାଣ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।




# ସୁବର୍ଣ୍ଣରେଖାରେ କମୁଛି ଜଳସ୍ତର, ବଢୁଛି ଲୋକଙ୍କ ଦୁର୍ଦ୍ଦଶା

## ■ଚତୁର୍ଥ ଦିନରେ ବାଲିଆପାଳ ବ୍ଲକର ବନ୍ୟା ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ

## ■୮ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ଏବେ ମଧ୍ୟ ପାଣିଘେରରେ



ବାଲିଆପାଳ ୨୮.୯(ଆପ୍ର) ସୁବର୍ଣ୍ଣରେଖା ନଦୀରେ ଆସିଥିବା ଚତୁର୍ଥ ବନ୍ୟା ଚତୁର୍ଥ ଦିନରେ ଜଳ ସ୍ତର ହ୍ରାସ ପାଇଥିବା ବେଳେ ଏବେ ମଧ୍ୟ ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ରବିବାର ମଧ୍ୟାହ୍ନ ଠାରୁ ବନ୍ୟା ପାଣି କମିବାରେ ଲାଗିଛି। ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ୍ୟ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଂଚାୟତର ଚଡପାଳପଡା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ଲକପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ଆଜି ମଧ୍ୟ ୨ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି ।ବିଷ୍ଣୁପୁର, ଜାମକୁଣ୍ଡା,ଅସ୍ତି , ବାଲିଆପାଳ,ମଧୁପୁରା ,ନିଖିରା, କୁମ୍ଭାରୀ ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରବିବାର ମଧ୍ୟାହ୍ନ ଠାରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ୭ଟି ପଞ୍ଚାୟତର ବନ୍ୟା ବିପନ୍ନ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଆବଶ୍ୟକ ପଡିଲେ ଆଜି ରାତିରେ ମଧ୍ୟ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ଗୃହପାଳିତ ଜୀବମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋ ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ବନ୍ୟା ପ୍ରଭାବିତ ଅଞ୍ଚଳ ବାସିନ୍ଦା ଦାବି କରିଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଲୋକଙ୍କ ଧନ ଜୀବନ କ୍ଷତି ହେଉଥିବା ବେଳେ ଚାଷବାସ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବାରମ୍ବାର ଆସୁଥିବା ବନ୍ୟା ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ହେଲେ ଚୁଡା,ଗୁଡ କିମ୍ବା ରନ୍ଧା ଖାଦ୍ୟ ଅଥବା ରିଲିଫ ଚାଉଳ ନୁହେଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ଏକ ମାତ୍ର ବିକଳ୍ପ ।ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ଜୀବନ ଜୀବିକା ହରାଇ ବନ୍ୟା ପ୍ରଭାବିତ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପୂର୍ବ ସରକାର ମାନେ ଆଗ୍ରହ ପ୍ରକାଶ କରିନଥିଲେ। ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ଥାନରେ ବିଜେପି ସରକାର ଅଛନ୍ତି। ତେଣୁ ସରକାରଙ୍କ ଆଗ୍ରହ ଏବଂ ଇଚ୍ଛାଶକ୍ତି ରହିଲେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣ କହିଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ଆସୁଥିବା ପ୍ରଳୟଙ୍କରୀ ବନ୍ୟାକୁ ରୋକି ଲୋକଙ୍କ ଧନ ଜୀବନ ରକ୍ଷା କରିବା ପାଇଁ ସରକାରଙ୍କୁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅନ୍ୟଥା ଏକ ବିରାଟ ଜନ ଆନ୍ଦୋଳନ ସୃଷ୍ଟି ହେବାକୁ ବେଶି ସମୟ ଲାଗିବ ନାହିଁ।

# ଖୋର୍ଦ୍ଧା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ' ପାଳିତ



ଖୋର୍ଦ୍ଧା, ୨୮/୯ (ନି.ପ୍ର): ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ସମସ୍ତ ୨୫୫୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ କା ଉତ୍ସବ'ର ୨୭ ତାରିଖ କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଷଣ ପିଠା ଆନୁଷ୍ଠାନିକ ପ୍ରଦର୍ଶନ (ଡେମୋ) ପିତା, ମାତା, କିଶୋରୀ ସିଏଚ୍, ପରିବାରର ସଦସ୍ୟମାନେ ଏବଂ ଏଏମସି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା। ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିଠାର ରାନ୍ଧଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ରାନ୍ଧଣା ଶେଷ ପର୍ଯ୍ୟନ୍ତ ଆଙ୍ଗନବାଡ଼ି କେନ୍ଦ୍ରରେ ଏହାର ବିଚାର କରାଯାଇଥିଲା। ଏହା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତାମାନଙ୍କୁ ଚୟନ କରାଯାଇଥିବା ବେଳେ ପ୍ରମାଣପତ୍ରଗୁଡ଼ିକ ଆଗାମୀ ୨୯ ସେପ୍ଟେମ୍ବର ୨୦୨୬ ତାରିଖ ଦିନ ଜିଲ୍ଲାପାଳଙ୍କ ସ୍ୱାକ୍ଷର ସ୍ୱାକ୍ଷରିତ ହୋଇ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୋଷଣ ଡିସି, ଡିପିଏ, ବିସିଏସ୍, ମମତା ଡିସିପି, ସୁଭଦ୍ରା ଫିଲ୍ଡ ଫଙ୍କସନାରୀ, ସିଡିପିଓ ଏବଂ ସୁପରଭାଇଜରଗଣ ସକ୍ରିୟ ଅଂଶଗ୍ରହଣ କରି ସହଯୋଗ ପ୍ରଦାନ କରିଥିଲେ।

# ଖୁଦୁରୁକୁଣୀ ଓଷା ପାଳିତ



ଭଣ୍ଡାରିପୋଖରି , ୨୮/୯ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ପଦି ନାରାୟଣପୁରରେ ଖୁଦୁରୁକୁଣୀ ଓଷା ପାଳିତ ହୋଇଯାଇଛି । ଗୋପୀନାଥ ଦାସ ବିରଚିତ ତଅପୋଇ ଓଷାର ଲୋକପ୍ରିୟତା ଏବେ ବି ଓଡ଼ିଶାର କୋଣ ଅନୁକୋଣରେ ଦେଖାଯାଏ ।ଭାଦ୍ର ମାସର ପ୍ରଥମ ରବିବାର ଠାରୁ ପଞ୍ଚମ ରବିବାର ପର୍ଯ୍ୟନ୍ତ ପାଞ୍ଚ ପାଳି ବେଶ ଧୁମ ଧାମରେ ପାଳିତ ହୁଏ। ଓଡ଼ିଆ ଜାତି ଦିନେ ଦେଶ ବିଦେଶ ଯଥା ଜାଭା,ସୁମାତ୍ରା, ବୋର୍ଣ୍ଣିଓ, ମାଳ ଦ୍ୱୀପ ସହିତ ନୌବାଣିଜ୍ୟ କରି ସମୃଦ୍ଧିଶାଳୀ ହୋଇ ପାରିଥିଲା ତାର ବର୍ଣ୍ଣନା ଏଠାରେ ଦେଖିବାକୁ ମିଳେ ।ମା ମଙ୍ଗଳାଙ୍କ ଆଶୀର୍ବାଦ କାମନା ପୂର୍ବକ ଏହି ପୂଜା କୁମାରୀମାନେ କରିଥାନ୍ତି ଶ୍ରଦ୍ଧାରେ । ଏହି ପୂଜାରେ ସରସୀ ଲେଙ୍କା, ମାନସୀ ଲେଙ୍କା, ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ସସ୍ମିତା ଖୁଣ୍ଟିଆ,ଲିପିକା ଖୁଣ୍ଟିଆ,ଦୀପିକା ଖୁଣ୍ଟିଆ,ସୁଭାଦ୍ରା ରାଉତ,ପାର୍ବତୀ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida